ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨ ଏପ୍ରିଲ, ୨୦୨୨



## ହାତୀ ଆକ୍ରମଣରେ ମହିଳା ଗୁରୁତର

**ଲହୁଣୀପଡ଼ା,(ଡି.ଏନ.ଏ):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ କୁର୍ଡା ପଞ୍ଚାୟତ ଜଳଡ଼ିହି ଗ୍ରାମରେ ହାତୀ ଆକ୍ରମଣରେ ଶୁକ୍ରବାର ସକାଳ ପ୍ରାୟ ୫ଟାରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଗ୍ରାମର ଝାଟି କିଷାନ (୪୦) ମହୁଲ ଗୋଟେଇବା ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଏକ ହାତୀ ହଠାତ ଆସି ଝାଟିଙ୍କୁ ଶୁଣ୍ଢରେ ଟେକିନେଇ କଚାଡି ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇ ସେଠାରେ ପଡି ରହିଥିଲେ। ଖବର ପାଇ ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କରି ପ୍ରଥମେ ବଣାଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରି ଦେଇଥିବା ଜଣାପଡିଛି।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ମୃତ ପରିବାରକୁ ଆର୍ଥିକ ସହାୟତା




**ବଡ଼ଗାଁ,୧।୪(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନଖଣ୍ଡ ଅଧୀନ ପଞ୍ଚରା ନିକଟ ଛୁରିଚଖା ଗ୍ରାମରେ ଗତବର୍ଷ ଡିସେମ୍ବର ୨୬ତାରିଖ ରାତିରେ ବଣୁଆ ହାତୀ ଗାଁକୁ ପଶିଆସିଥିଲେ। ହାତୀ ଘର ଭାଙ୍ଗିଥିବା ଦେଖି କିରଣ ଡୁଙ୍ଗଡୁଙ୍ଗ ଘରୁ ବାହାରି ଦୌଡ଼ି ପଳାଉଥିବାବେଳେ ହାତୀ ହାବୁଡରେ ପଡିବାରୁ ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୁକ୍ରବାର ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ମୃତକ କିରଣଙ୍କ ସ୍ତ୍ରୀ ଚନାତିଙ୍କୁ ବନଖଣ୍ଡ ଅଧିକାରୀ ଦିଲ୍ଲୀପ କୁମାର ଦିଗାଲ ଫରେଷ୍ଟର ଅନୁପ କୁମାର ଲାକ୍ରାଙ୍କ ଉପସ୍ଥିତିରେ ଆର୍ଥିକ ସହାୟତା ବାବଦରେ ୪ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ।

### ପୁନୀତ ସାଗର ଅଭିଯାନ ଆରମ୍ଭ

**ରାଉରକେଲା ଅଫିସ,୧।୪:** ଏନ୍‌ସିସି ନବମ ଓଡିଶା ବାଟାଲିୟନ୍ ରାଉରକେଲା ପକ୍ଷରୁ ଶୁକ୍ରବାର 'ପୁନୀତ ସାଗର ଅଭିଯାନ'ର ଶୁଭାରମ୍ଭ ହୋଇଛି। ସମୁଦ୍ରକୂଳ, ନଦୀକୂଳ ଓ ଅନ୍ୟାନ୍ୟ ପାଣି ଜମୁଥିବା ଜାଗାକୁ ସଫା କରିବା ପାଇଁ ଏନ୍‌ସିସି କ୍ୟାଡେଟଙ୍କ ଦ୍ୱାରା ଏହି ଅଭିଯାନ ଆରମ୍ଭ କରାଯାଇଛି। ଏହା ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଉରକେଲା କୋଏଲ ନଦୀକୂଳକୁ ସଫା କରାଯିବା ସହିତ ଏନସିସି ୟୁନିଟ୍ ଗୁଡ଼ିକ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣରେ ଜଡିତ ଏନ୍‌ଜିଓ ଓ ଏଜେନ୍ସିଗୁଡିକ ସହିତ ପାରସ୍ପରିକ କାର୍ଯ୍ୟ କରିବ। ଏନସିସି କ୍ୟାଡେଟମାନେ ଦୋକାନୀ, ହକର, ପଥଚାରୀ ଓ ପର୍ଯ୍ୟଟକଙ୍କ ସହ ଯୋଗାଯୋଗ କରିବେ। ସେମାନେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ପରେ ଏକ ଏମ୍‌ଆରଏଫକୁ ପୁନର୍ବାର ବ୍ୟବହାର ପାଇଁ ପଠାଯିବ। କ୍ୟାପଟେନ ସତ୍ୟ ନାରାୟଣ ରାଉତ, ମୀନା ଦାସ, ଆର୍ଯ୍ୟ ପ୍ରକାଶ ଜେନା, ପ୍ରତାପ ମହାଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୋଲିସ ଜନସାଧାରଣଙ୍କ ବନ୍ଧୁ

**ରାଉରକେଲା ଅଫିସ,୧।୪:** ରାଉରକେଲା ରିଜର୍ଭ ପଡ଼ିଆରେ ଶୁକ୍ରବାର ୮୭ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଲିସ ଜନସାଧାରଣଙ୍କ ବନ୍ଧୁ ବୋଲି କହିଥିଲେ। ତେଣୁ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ ଏସ୍‌ପି ଭାମୁ ଆହ୍ୱାନ ଦେଇଥିଲେ। ରାଉରକେଲା ଜିଆରପି ଏସ୍‌ପି ଅରୁଣ କୁମାର ଜେନା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଉତ୍ସବରେ ରାଉରକେଲା ପୋଲିସ, ଟ୍ରାଫିକ ପୋଲିସ ଆଦି ବିଭାଗର ୭ଟି ଦଳ ପରେଡ ପ୍ରଦର୍ଶନ କରିଥିଲେ। ପରେ ୧୭ ଜଣ ପୋଲିସ ଅଧିକାରୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ରାଉରକେଲା ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇ, ଟ୍ରାଫିକ କମାଣ୍ଡାଣ୍ଟ ଏ. କେ. ନାୟକଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଓ ଥାନାଧିକାରୀ ଉପସ୍ଥିତ ଥିଲେ।

# ମନ୍ତ୍ରମୁଗ୍ଧ କଲା ଓଡ଼ିଶୀନୃତ୍ୟ

**ସୁନ୍ଦରଗଡ଼,୧।୪(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ପ୍ରଶାସନ ଓ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜିଲା ସ୍ତରୀୟ ଓଡିଶା ଦିବସ ସ୍ଥାନୀୟ ସଂସ୍କୃତି ଭବନ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ବଳିଦାନ ଦେଇଥିବା ମହାମନୀଷୀମାନଙ୍କୁ ସ୍ମରଣ କରି ସେମାନଙ୍କ ଫଟୋ ଚିତ୍ରରେ ଅତିଥିମାନଙ୍କ ଦ୍ୱାରା ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସାଂସଦ ଜୁଏଲ ଓରାମ, ସୁନ୍ଦରଗଡ଼ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲଙ୍କ ସମେତ ସୁନ୍ଦରଗଡ଼ ପୌରାଞ୍ଚଳର ନବନିର୍ବାଚିତ ଅଧକ୍ଷା ତନୟା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀ ଉପଲକ୍ଷେ "ଆଜାଦୀ କୀ ଅମୃତ ମହୋତ୍ସବ" ପାଳନ ଅବସରରେ ଓଡିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ଏକାଡେମୀ ଏବଂ ସୁନ୍ଦରଗଡ଼ ଜିଲା ସଂସ୍କୃତି ପରିଷଦ ମିଳିତ ସହଯୋଗରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏଥି ସହ କଳା, ସାହିତ୍ୟ,



କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

**ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ**

ସଂସ୍କୃତି କ୍ଷେତ୍ରରେ ସୁନ୍ଦରଗଡ଼ ଜିଲାକୁ ଗୌରବମଣ୍ଡିତ କରିଥିବା ବ୍ୟକ୍ତିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ କିଶୋର ଷଡଙ୍ଗୀ, ନାଟ୍ୟକାର ତଥା ଚଳଚ୍ଚିତ୍ର ପ୍ରଯୋଜକ ପ୍ରଦୀପ ଭୋଳ, ଶାସ୍ତ୍ରୀୟ ସଙ୍ଗୀତ ପାଇଁ ସସ୍ମିତା ସାହୁ ଏବଂ ହସ୍ତତନ୍ତ ଚିତ୍ରକଳା ପାଇଁ ରାଜେନ୍ଦ୍ର ମେହେରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହ ବିଦ୍ୟାଳୟ ସ୍ତରରେ ହୋଇଥିବା ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ତର୍କ, ଦେଶାତ୍ମବୋଧକ ସଙ୍ଗୀତ ପାଇଁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କଳାକାର ମାନଙ୍କ ଦାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଶେଷକରି ଓଡ଼ିଶୀ ନୃତ୍ୟ ଉପସ୍ଥିତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

ଏହି କାର୍ଯ୍ୟକ୍ରମରେ ଡାକ୍ତର ଅନନ୍ତ ଆଚାର୍ଯ୍ୟ ଏବଂ ପ୍ରିୟଙ୍କା ଜେନା ମଞ୍ଚ ସଂଯୋଜନା କରିଥିବା ବେଳେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟା ଅଧାପିକା ଡ. ସୁପ୍ରିୟା ପାଲ ଓ ସାହିତ୍ୟିକ ଗୋପକୃଷ୍ଣ ନାୟକ, ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ସଂଯୋଜନା କରିଥିଲେ । ଜିଲା ସଂସ୍କୃତି ଅଧିକାରୀ କୁଳଦୀପ ଖାଖା ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ଶେଷରେ ସୁନ୍ଦରଗଡ଼ ଜିଲା ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏଠାରେ ସୂଚନାଯୋଗ୍ୟ ଯେ, ପ୍ରତ୍ୟୁଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପ୍ରସାରଣ କରାଯାଇଥିଲା ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତ ଫେରି କରାଯାଇଥିଲା। ପବିତ୍ର ଓଡ଼ିଶା ଦିବସ ଅବସରରେ ସୁନ୍ଦରଗଡ଼ ସହର ମଧ୍ୟରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଓଡ଼ିଆ ଭାଷାର ଅବକ୍ଷୟ ନାହିଁ: ଜିଲାପାଳ

**ଝାରସୁଗୁଡ଼ା ଅଫିସ,୧।୪**

**ଝାରସୁଗୁଡ଼ା ଜିଲାସ୍ତରୀୟ ଓଡ଼ିଶା ଦିବସ**

ଝାରସୁଗୁଡ଼ା ଜିଲାର ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଶୁକ୍ରବାର ୮୭ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ତରଫରୁ ଓଡ଼ିଶା ପ୍ରଦେଶ ଗଠନର କର୍ଣ୍ଣଧାର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଥିଲା। ପ୍ରଭାତ ଫେରି କାର୍ଯ୍ୟକ୍ରମରେ ଜିଲାପାଳ ସରୋଜ କୁମାର ସାମଲ, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ଲଙ୍କେଶ୍ୱର ଅମାତ, ପିଡି ଡିଆର୍‌ଡିଏ ତପିରାମ ମାଝି ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଯାନ୍ତ୍ରିକ ବିଦ୍ୟାଳୟ ଅଡିଟୋରିୟମରେ ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଓଡିଶା ଦିବସ ପାଳନ କରାଯାଇଥିଲା। ଏଥିରେ ଜିଲାପରିଷଦ ସଭାପତି ତୁଳାବତୀ ମିଞ୍ଜ ମୁଖ୍ୟଅତିଥି, ଡ. ସ୍ୱର୍ଣ୍ଣମୟୀ ପୁରୋହିତ ମୁଖ୍ୟବକ୍ତା ଓ ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲାପାଳ ସାମଲ କହିଥିଲେ, ଓଡିଆ ଭାଷାର ଅବକ୍ଷୟ ନାହିଁ। ଓଡିଆ ଜାତି ରହିଥିବା ପର୍ଯ୍ୟନ୍ତ ଓଡିଆ ଭାଷା ବଞ୍ଚିଥିବ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ଜିଲା ପ୍ରଶାସନ ଓ ଓଡିଶା ଭାଷା ସୁରକ୍ଷା ମଞ୍ଚ ମିଳିତ ଉଦ୍ୟମରେ ଭିଖମପାଲି ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏହି ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଜିଲାପାଳ ସାମଲ, ଭାଷା ସୁରକ୍ଷା ମଞ୍ଚ କର୍ମକର୍ତ୍ତା ପ୍ରତାପ ରାଉତ, ଏସ୍‌ପି ବିକାଶ ଚନ୍ଦ୍ର ଦାସ, ପିଡି ଡିଆର୍‌ଡିଏ ତପିରାମ ମାଝି, ଡିଇଓ ପୁଷ୍ପା ମିଞ୍ଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲା। ଓଡ଼ିଶା ଭାଷା ଓ ସଂସ୍କୃତି ସୁରକ୍ଷାକୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ଦାକିନୀ ଶତପଥୀ, ଶିବପ୍ରିୟା ମିଶ୍ର, ଗୋପିନାଥ ସେଠ୍, ନଳୀନ ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିପରି ଓପିଜିସିର ବନହରପାଲି ଇବ୍ କ୍ଲବ୍ ପରିସରରେ ଏହି ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଓପିଜିସିର ନିର୍ଦ୍ଦେଶକ (ଅପରେଶନ) ମାନସ ରଞ୍ଜନ ରାଉତ, ମୁଖ୍ୟବକ୍ତା ଅଧ୍ୟାପିକା ଡ. ସଞ୍ଜୁକ୍ତା ହୋତା, ପ୍ଲାଣ୍ଟ ମ୍ୟାନେଜର ସୁଧାକର ସ୍ୱାଇଁ, ଏନ୍.ଏନ୍. ଷଡଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

# ବରପୁତ୍ରଙ୍କ ଜୟଜୟକାରରେ କମ୍ପିଲା କୁତ୍ରା



କୁତ୍ରାରେ ଓଡ଼ିଶା ଦିବସ ପାଳନ କାର୍ଯ୍ୟକ୍ରମରେ କର୍ମକର୍ତ୍ତା ଓ ଅତିଥି।

**କୁତ୍ରା,୧।୪(ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ଉତ୍କଳ ଦିବସ ପରିଚାଳନା କମିଟିର ସଭାପତି ତଥା କୁତ୍ରା ବିଡ଼ିଓ ରବିନ୍ଦ୍ର କୁମାର ସେଠୀଙ୍କ ସଭାପତିତ୍ୱରେ ଶୁକ୍ରବାର ବ୍ଲକ ସ୍ତରୀୟ ଉତ୍କଳ ଦିବସ ପାଳିତ ହୋଇଯାଇଛି। ବିଡିଓ ସକାଳ ୬ଟାରେ ଉତ୍କଳ ଦିବସ ପାଇଁ ଆୟୋଜିତ ହୋଇଥିବା ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଉଦଘାଟିତ କରିଥିଲେ। ପରେ କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ, ଶ୍ରୀ ଅରବିନ୍ଦ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଉତ୍କଳ ଦିବସ ପରିଚାଳନା କମିଟିର ସଦସ୍ୟାସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ ବୁଦ୍ଧିଜୀବୀ ଉତ୍କଳର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସମସ୍ତେ ବରପୁତ୍ରମାନଙ୍କର ଜୟଜୟକାର କରିଥିଲେ। ପରେ ଶୋଭାଯାତ୍ରା କୁତ୍ରା ଗ୍ରାମ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ଉତ୍କଳ ଦିବସ ପାଳନ କମିଟିର ଉପସଭାପତି କୁତ୍ରା ଥାନା ଅଧିକାରୀ ଶୁଶାନ୍ତ କୁମାର ପରିଡ଼ା, ସରପଞ୍ଚ ଭୂବନ କୁଜୁର, କୋଷାଧ୍ୟକ୍ଷ ଦେବାଶିଷ ସାହୁ, ରାଜେଶ ସାହୁ, ବରିଷ୍ଠ ଉପଦେଷ୍ଟା ବିଶିକେଶନ ସାହୁ, ଶଙ୍କରପ୍ରସାଦ ଟପ୍ପୋ, ନଳିନୀକାନ୍ତ ଶାସନୀ, ନିତ୍ୟାନନ୍ଦ ସିଂ, ମଦନ ସିଂ, ବଜରଙ୍ଗ କେଶରୀ ସାହୁ, ଟଙ୍କଧର ବରିହା, ପ୍ରଦୀପ ମଲୁଆ, ଦିଲୀପ ବେହେରାଙ୍କ ସମେତ କୁତ୍ରା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଆରବିନ୍ଦ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସନ୍ଧ୍ୟାରେ ଉତ୍କଳ ଦିବସ ସମାରୋହକୁ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ମଙ୍ଗଳା କିଶାନ ଉଦଘାଟନ କରିଥିଲେ। ଅତିଥିଭାବେ କୁତ୍ରା ବ୍ଲକ ଚେୟାରମେନ ଶାନ୍ତିଲତା ଲାକଡା, ଉପାଧ୍ୟକ୍ଷ କୌସ୍ତୁଭ ଭୁଷଣ ହୋତା, ଜିଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ, ଜିଲା ପରିଷଦ ସଭ୍ୟା ପିଙ୍କି ସୁନ୍ୟାନୀ, କୁତ୍ରା ସରପଞ୍ଚ ଭୂବନ କୁଜୁରଙ୍କ ସମେତ କୁତ୍ରା ବ୍ଲକର ୧୬ ପଞ୍ଚାୟତର ସମସ୍ତ ସମିତି ସଭ୍ୟାସଭ୍ୟ ସରପଞ୍ଚ ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍କଳ ଦିବସ ପରିଚାଳନା କମିଟି ତରଫରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଶିଷ୍ଟ ଶିକ୍ଷାବିତ ଭାବେ ବିଶିକେଶନ ସାହୁ, ଦକ୍ଷ ପ୍ରଶାସକ ଭାବେ ରବିନ୍ଦ୍ର କୁମାର ସେଠୀ,ଦକ୍ଷ ପୋଲିସ ଅଧିକାରୀ ଭାବେ ଶୁଶାନ୍ତ କୁମାର ପରିଡ଼ା, ବିଶିଷ୍ଟ କୃଷକ ଭାବେ ଶଙ୍କରପ୍ରଶାଦ ଟପ୍ପୋ, ରାଜନେତା ଭାବେ ପ୍ରଫୁଲ୍ଲ ସାହୁ, ଯୁବ ସମାଜସେବୀ ଭାବେ ଭୂବନ କୁଜୁର, ସମାଜସେବୀ ଭାବେ କ୍ରିଷ୍ଟା ଲାକଡା, ନାରୀସଶକ୍ତି କରଣ ପାଇଁ ତରୁଣୀଲତା ସୁନ୍ୟାନୀ, ଆଦର୍ଶ ଆଶା ଦିଦି ଭାବେ କର୍ମିଳା ଟପ୍ପୋ,ଭିନ୍ନକ୍ଷମ ମହିଳା ଆମପେୟାର ଭାବେ ପୂଜା ବାଙ୍କ୍ରା, ଆଦର୍ଶ ଶିକ୍ଷକ ଭାବେ ବିଭୀଷଣ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କୁତ୍ରା ଉଚ୍ଚ ବିଦ୍ୟାଳୟର ସାଂସ୍କୃତିକ ଦଳ ତରଫରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୋପି ସାହୁ,ମିଶ୍ର ଗନ୍ଧା ପ୍ରମୁଖ ସାହାଯ୍ୟ କରିଥିଲେ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଦିବସ ପାଳିତ

**ରାଉରକେଲା ଅଫିସ,୧।୪**

ରାଉରକେଲା ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଛି। ଏଥିରେ ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରାକର, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଲୋକ ସୂଚନା ସମ୍ପର୍କ ଅଧିକାରୀ ଫତିମା ଏକ୍କାଙ୍କ ସମେତ ବହୁ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ଉଦିତନଗର ସ୍ଥିତ ଆମ୍ବେଡ଼କର ଛକରୁ ଏକ ରାଲି ବାହାରି ଷ୍ଟେଶନ ରୋଡ୍‌ରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ସେହିପରି ଆରଏସ୍‌ପି ପକ୍ଷରୁ ଅନୁଷ୍ଠିତ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ଖଣି ବିଭାଗର ଇଡି ଏ. କେ. କୁଣ୍ଡୁ, କାର୍ଯ୍ୟ ବିଭାଗର ଇଡି ଏସ୍. ଆର୍. ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ, ମାର୍କେଟିଂ ବିଭାଗର ସିଜିଏମ୍ ଇନ୍‌ଚାର୍ଜ ସି. ଆର ମହାପାତ୍ର, ଅର୍ଥ ବିଭାଗର ସିଜିଏମ୍ ଏ. କେ ବେହୁରିଆ ଓ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଯୁଗପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟପକ୍ଷେ ପ୍ରଗତି ଉତ୍କଳ ସଂଘ, ହୋପ୍ ଫାଉଣ୍ଡେସନ, ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଥିଲା।

# ଦେବଗଡ଼ରେ ଜିଲାସ୍ତରୀୟ ଓଡ଼ିଶା ଦିବସ



ଓଡ଼ିଶା ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଦେବଗଡ଼,୧।୪(ଡି.ଏନ୍.ଏ.)**

ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ନାଟ୍ୟ ମଣ୍ଡପରେ ଶୁକ୍ରବାର ଜିଲାସ୍ତରୀୟ ଓଡ଼ିଶା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧକ୍ଷତା ଏବଂ ଭାରପ୍ରାପ୍ତ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲା ପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ପରିଷଦର ସଂଯୋଜକ ଦିଲ୍ଲୀପ କୁମାର ଗୁରୁ ଓ ମୁଖ୍ୟବକ୍ତା ଭାବେ ମଡେଲ ଡିଗ୍ରୀ କଲେଜର ଅଧକ୍ଷ ଡକ୍ଟର ବିଜୟ କୁମାର ମହାରଣା ଯୋଗଦେଇ ଓଡିଶାର ବରପୁତ୍ର ମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ସଭା ପ୍ରାରମ୍ଭରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଶେଷରେ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରତ୍ୟୁଷରେ ଜିଲା ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ 'ବନ୍ଦେ ଉତ୍କଳ ଜନନୀ'ବନ୍ଦନା ଗାନ କରାଯାଇଥିଲା। ସେହିପରି ସହରରେ ଥିବା ଉତ୍କଳମଣି ଗୋପବନ୍ଧୁ, ରାଜା ସାର ବାସୁଦେବ ସୁଢଳ ଦେବ ଓ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ଆଦି ଓଡିଶାର ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ କ୍ଷତିପୂରଣ

**ସୁନ୍ଦରଗଡ଼,୧।୪(ଡି.ଏନ.ଏ.)**

ସୁନ୍ଦରଗଡ ବନଖଣ୍ଡ ଅନ୍ତର୍ଗତ ଉଜ୍ଜଳପୁର ବନାଞ୍ଚଳର ଦେଓଭୁବନପୁର ଗ୍ରାମର ମୂରଲୀ ଖଡିଆ ଗତ ୨୧।୧୧।୨୦୨୧ ରେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ। ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ସଂଗ୍ରାମ କେଶରୀ ମର୍ଣ୍ଣିହିରା ତତକ୍ଷଣାତ ଅନ୍ତେଷ୍ଟିକ୍ରିୟା ପାଇଁ ୪୦ ହଜାର ଟଙ୍କା ପ୍ରଦାନ କରିଥିଲେ । ଏହା ପରେ ଶୁକ୍ରବାର ଦେଓଭୁବନପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ସଂଜୀବ ବାର୍ଲାଙ୍କ ଉପସ୍ଥିତିରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କ୍ଷତିପୂରଣ ବାବଦକୁ ବକେୟା ୩ ଲକ୍ଷ ୬୦ ହଜାର ଟଙ୍କା ମୃତ ମୁରଲୀ ଖଡିଆଙ୍କ ଉତ୍ତରାଧିକାରୀ ଜଏମଣୀ ଖଡିଆଙ୍କୁ ପ୍ରଦାନ କରାଯାଇଛି। ଏଥି ନିମନ୍ତେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ସଂଗ୍ରାମ କେଶରୀ ମର୍ଣ୍ଣିହିରା, ବନପାଳ ସାନିକା ଟୋପ୍ପୋ ଏବଂ ଦେଓଭୁବନପୁର ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ବନ ବିଭାଗ ପକ୍ଷରୁ ଚେକ୍ ପ୍ରଦାନ କରାଯାଉଛି।

# ଜିଲାସ୍ତରୀୟ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ

**ଦେବଗଡ଼,୧।୪(ଡି.ଏନ୍.ଏ.)**

ଦେବଗଡ଼ ରିଜର୍ଭ ପୋଲିସ ପଡ଼ିଆରେ ୮୭ତମ ଜିଲାସ୍ତରୀୟ ଓଡିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମ୍ମିଳିତ ପରେଡରେ ମୁଖ୍ୟ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜକିଶୋର ପାଇକରାୟ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍.ପି.ଅଙ୍କୁର ମଲ୍ଲିକ, ଏସ୍.ଡି.ପି.ଓ. ପ୍ରତ୍ୟୁଷ ମହାପାତ୍ର, ଡିଏସ୍‌ପି ପ୍ରଦୀପ କୁମାର କେର୍କେଟ୍ଟା, ଦେବଗଡ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ, ରିଆମାଳ ଥାନା ଅଧିକାରୀଣୀ ଲଳିତା ପ୍ରଧାନ, ବାରକୋଟ ଥାନା ଅଧିକାରୀ କନକ ମାଝୀ ଓ କୁଣ୍ଢେଇଗୋଳା ଥାନା ଅଧିକାରୀ ସରୋଜ କୁମାର ସେଠୀଙ୍କ ସମେତ ବହୁ ପୋଲିସ ଅଧିକାରୀ




ପରେଡ଼ରେ ପୋଲିସ ସାମିଲ ହୋଇଛନ୍ତି।

ଉପସ୍ଥିତ ଥିଲେ। ୫ ପ୍ଲାଟୁନ ପୋଲିସ ପରେଡରେ ଅଂଶଗ୍ରହଣ କରିଥିଲେ। ଶେଷରେ ଡି.ଏସ୍.ପି.ଅମ୍ରିତା ନନ୍ଦିନୀ ମହାନ୍ତିଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏସ୍.ଡି.ପି.ଓ. ପ୍ରତ୍ୟୁଷ ମହାପାତ୍ର, ଦେବଗଡ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ, ବାରକୋଟ ଥାନା ସବ ଇନ୍ସପେକ୍ଟର ଦେବବ୍ରତ ନାୟକ, ମହିଳା କନଷ୍ଟେବଳ ସବିତା କାଲୋ, ଏ.ଏସ୍.ଆଇ, ପ୍ରଭାତ କୁମାର ନାୟକ, ମୁଖ୍ୟ ଆରକ୍ଷୀ ସଂଜୀବ କୁମାର ବେହେରା, ସାଧାରଣ ଆରକ୍ଷୀ ହେମନ୍ତ କୁମାର ପ୍ରଧାନ, ଟ୍ରାଫିକ ଆରକ୍ଷୀ ସୌଭାଗ୍ୟ କୁମୁରା, ୪ର୍ଥ ଆଇଆର୍‌ବିର ଡେପୁଟି ସୁବେଦାର ସୁରନ ବେହେରା, କନଷ୍ଟେବଳ ତସ୍ୱିନ କୁମାର ସାହୁ , ହାବିଲଦାର ମେଜର ଗଦାଧର କହଁର, ହାବିଲଦାର ଲାଲ ବାହାଦୁର ଥାପ୍ପା ଓ କନଷ୍ଟେବଳ ପଲ୍ଲବ ପ୍ରଧାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାସ ପ୍ରଧାନଙ୍କ ସମେତ ବହୁ ବରିଷ୍ଠ ନାଗରିକ ଓ ଅବସରପ୍ରାପ୍ତ ପୋଲିସ ଅଧିକାରୀ/ କର୍ମଚାରୀ ଉପସ୍ଥିତ ଥିଲେ ।

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୨ ଏପ୍ରିଲ, ୨୦୨୨



## ଜିଲା ଚେସ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଜିଲାସ୍ତରୀୟ ଚେସ୍ ଚାମ୍ପିୟନଶିପ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସିନିୟର ବିଭାଗରେ ସୁବୀର କୁମାର ପାଢ଼ୀ, କିଶୋରୀଲାଲ ଭୋଇ, ବିଷ୍ଣୁଚରଣ ସାହୁ, ବିଦ୍ୟୁଭୂଷଣ ମିଶ୍ର କୃତିତ୍ୱ ହାସଲ କରିଛନ୍ତି। ସେହିପରି ଜୁନିୟର ବିଭାଗରେ ଆୟୁଷ ପଟ୍ଟନାୟକ, ସାହିଲ ଷଡଙ୍ଗୀ, ସାଇ ଅମ୍ରିତ ପରିଜା, ରୋଶନ କୁମାର ସାହୁ, ରତଭିକ ଅଗ୍ରୱାଲ, ସବଜୁନିୟରରେ ପ୍ରଜ୍ଞାଶ୍ରୀ ଦେହୁରି, ସାଇସ୍ୱରୂପ ମାଲା, ଏ. ପାଣିଗ୍ରାହୀ, ସ୍ମୃତି ପରିଜା ଓ ଆଦିତ୍ୟ ମିଶ୍ର ସଫଳତା ହାସଲ କରି ପୁରସ୍କୃତ ହୋଇଛନ୍ତି। ରାମକୃଷ୍ଣ ନନ୍ଦଙ୍କୁ ଶ୍ରେଷ୍ଠ ଭେଟେରାନ ଭାବେ ପୁରସ୍କୃତ କରାଯାଇଥିଲା। ବିଜେଡି ଜିଲା ସାଧାରଣ ସମ୍ପାଦକ ସନ୍ଦୀପ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଏନ୍‌ସିସି ପକ୍ଷରୁ ପୁନୀତ ସାଗର ଅଭିଯାନ

ସମ୍ବଲପୁର,୧।୪(ବ୍ୟୁରୋ): ସମ୍ବଲପୁର ଏନ୍‌ସିସି ପକ୍ଷରୁ ଶୁକ୍ରବାର ପୁନୀତ ସାଗର ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ମହାନଦୀ ପାର୍ଶ୍ୱରେ ଥିବା ଅଳିଆ ଆବର୍ଜନା ସଫେଇ କରାଯାଇଛି। କମାଣ୍ଡିଂ ଅଫିସର ସି.ସି. ନାଗ, ଏସ୍‌ଏମ୍ ଅମିତାଭ ରାୟ ଏହାର ନେତୃତ୍ୱ ନେଇଥିଲେ। ସେଣ୍ଟ ଜନ ସ୍କୁଲ, ସେଭେନହିଲ ସ୍କୁଲ ସହ ଏନ୍‌ସିସି କ୍ୟାଡେଟ୍ ସାମିଲ ଥିଲେ। ଏହି ଅଭିଯାନ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏନ୍‌ଜିଓ, ସାମାଜିକ ଅନୁଷ୍ଠାନ ସହଯୋଗରେ କାର୍ଯ୍ୟକ୍ରମ କରାଯାଉଥିବା ସୂଚନା ଦିଆଯାଇଛି।

### ଜେଏସ୍‌ଡବ୍ଲ୍ୟୁ ବିପିସିଏଲ୍ ପକ୍ଷରୁ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ହସ୍ତାନ୍ତର ଉତ୍ସବ

ସମ୍ବଲପୁର,୧।୪ (ବ୍ୟୁରୋ): ଜେଏସ୍‌ଡବ୍ଲ୍ୟୁ ବିପିସିଏଲ୍ ଆୟୋଜନରେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ହସ୍ତାନ୍ତର କାର୍ଯ୍ୟକ୍ରମ ସମ୍ବଲପୁର ଜିଲା ଠେଲକୋଲେଇ ୟୁପି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ପକ୍ଷରୁ ୬ଟି ସ୍କୁଲ ଓ ୧୨ଟି ଅଙ୍ଗନୱାଡି କେନ୍ଦ୍ରର ନବୀକରଣ କରାଯାଇଥିଲା। ନବୀକରଣ କାର୍ଯ୍ୟ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ଓ ରାଉଣ୍ଡ ଟେବୁଲ ଇଣ୍ଡିଆ କରିଥିଲା। ଏହି ଅବସରରେ ଉଡାନ ଓ ଉମ୍ମିଦ ସ୍କଲାରଶିପ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ୫୬ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଉଚ୍ଚ ଶିକ୍ଷା ସକାଶେ ସହାୟତା ପ୍ରଦାନ କରିବ। ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କମ୍ପାନୀର ପ୍ରଶାସନିକ ଉପସଭାପତି ଧନଞ୍ଜୟ କୁମାର ସିହ୍ନାଙ୍କ ସମେତ ସର୍ବଦାନନ୍ଦ ସିଂ, ମନୋଜ ସିଂ, ପ୍ରଶାନ୍ତ ବିଶ୍ୱାଳ, ବିଶାଲ ରାଜ, ରାଉଣ୍ଡ ଟେବୁଲ ଇଣ୍ଡିଆର ଫିଲିପ ମୋର୍ଯ୍ୟ, ଠେଲକୋଲେଇ ଥାନାଧିକାରୀ ବିଦ୍ୟୁଭଷଣ ମିଶ୍ର, ରେଙ୍ଗାଲି ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ମହେନ୍ଦ୍ର ବାଗ ପ୍ରମୁଖ ସମ୍ମାନିତ ଅତିଥି ଥିଲେ।

### ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟନ

ବ୍ରଜରାଜନଗର,୧।୪ (ଡି.ଏନ.ଏ.): ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଶୁକ୍ରବାର ବ୍ରଜରାଜନଗର ପୌରାଞ୍ଚଳର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଉଠାଦୋକାନୀଙ୍କୁ ଥଇଥାନ ପାଇଁ କଲିନଗର ନୃସିଂହ ମନ୍ଦିର ଓ ଗାନ୍ଧୀ ଛକଠାରେ ଭେଣ୍ଡିଂ ଜୋନର ଶିଳାନ୍ୟାସ କରିଥିଲେ। ସେହିପରି ବିଜୁ ପଟ୍ଟନାୟକ ଛକଠାରେ ନୂତନ ରାସ୍ତାର ଶୁଭ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଦିବସ ଅବସରରେ କଲିନଗର ପଡ଼ିଆରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ନବନିର୍ବାଚିତ ଅଧକ୍ଷା ଯାଜ୍ଞସେନୀ ଓରାମ ଯୋଗଦେଇ ପ୍ରତିଶ୍ରୁତି ଅନୁଯାୟୀ ପ୍ରତ୍ୟେକ ୱାର୍ଡରେ ମିନି କଲ୍ୟାଣ ମଣ୍ଡପ, ଏସ୍‌ଏସ୍‌ଜି ମହିଳାଙ୍କ ପାଇଁ ସଭାଗୃହ, ଆଲୋକ ଓ ପିଇବା ପାଣି ବ୍ୟବସ୍ଥା କରିବା ପାଇଁ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପୌରପ୍ରଶାସନର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମାନବ ଶୃଙ୍ଖଳରେ ପଶ୍ଚିମାଞ୍ଚଳ ଏକତା ଦିନ ପାଳନ

### ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଆୟୋଜନ

ସମ୍ବଲପୁର,୧।୪ (ବ୍ୟୁରୋ)

ପଶ୍ଚିମାଞ୍ଚଳ ଏକତା ମଞ୍ଚ ଏପ୍ରିଲ ୧କୁ ଏକ ନିଆରା ଢଙ୍ଗରେ ପାଳନ କରିଆସୁଛି। ସକରାତ୍ମକ ଢଙ୍ଗରେ ସମଗ୍ର ପଶ୍ଚିମାଞ୍ଚଳର ଏକତାକୁ ପ୍ରଦର୍ଶନ କରି ଏକତା ଦିବସ ଭାବେ ପାଳନ କରୁଛି। ଶୁକ୍ରବାର ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନ (ଆର୍‌ଡିସି) କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ପଶ୍ଚିମାଞ୍ଚଳ ଏକତା ଦିନ ପାଳନ କରାଯାଇଛି। ମାନବ ଶୃଙ୍ଖଳ କରି ବିଭିନ୍ନ ଅନୁଷ୍ଠାନର ଶତାଧିକ କର୍ମକର୍ତ୍ତା ଏହି ଦିବସ ପାଳନ କରିଥିଲେ। ଏକତା ମଞ୍ଚ ପକ୍ଷରୁ ଦିଆଯାଇଥିବା ଡାକରାରେ ସହରର ବିଭିନ୍ନ ସାମାଜିକ, ସାଂସ୍କୃତିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ରାଜନୈତିକ ଦଳର କର୍ମକର୍ତ୍ତା ସାମିଲ ହୋଇଥିଲେ। ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ, ବରଗଡରେ କ୍ୟାନ୍‌ସର ହସ୍ପିଟାଲ କାର୍ଯ୍ୟକାରୀ କରିବା, ଝାରସୁଗୁଡ଼ା, ଦେବଗଡରେ କୃଷି ମହାବିଦ୍ୟାଳୟ ସ୍ଥାପନ, ବଲାଙ୍ଗୀରରେ ବାଇପାସ୍ ନିର୍ମାଣ ଓ ମେଡିକାଲରେ ଉତ୍ତମ ଚିକିତ୍ସା ବ୍ୟବସ୍ଥା, କଳାହାଣ୍ଡିରେ ରେଲ ଓ ୱାଗନ କାରଖାନା, ନୂଆପଡାରେ ମେଡିକାଲ କଲେଜ, ବୌଦ୍ଧ ଜିଲାକୁ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନରେ ସାମିଲ, ପଶ୍ଚିମ ଓଡିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟାଳୟ ପଶ୍ଚିମାଞ୍ଚଳର କୌଣସି ଜିଲାରେ ପ୍ରତିଷ୍ଠା ଭଳି ଦାବି ରହିଥିଲା। ଏଥିରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ରେଢାଖୋଲ, ବୁର୍ଲା, ହୀରାକୁଦ, ଗୋଶାଳା, ସମ୍ବଲପୁର ଆଦି ଶାଖାର ସଦସ୍ୟମାନଙ୍କ ସହ ଅନ୍ୟ ସାମାଜିକ ସଙ୍ଗଠନର ସଦସ୍ୟ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଓକିଲ ସଂଘ ପୂର୍ବତନ ସଭାପତି ଡ. ପ୍ରମୋଦ ରଥ, ସାଧାରଣ ସମ୍ପାଦକ ରବିରଞ୍ଜନ ପୂଜାରୀ, ଗୋକୁଳ ମେହେର, କାର୍ତ୍ତିକ ବହିଦାର, ପ୍ରମୋଦ ସରାଫ, ଲଳିତ ମୋହନ ବେବର୍ତ୍ତା, ସଦାନନ୍ଦ ପଣ୍ଡା, କମଲ ଷଡଙ୍ଗୀ, ସୁଷମା ସାହୁ, ପଙ୍କଜିନି ମେହେର, କାନ୍ତି ମେହେର, ଜନନୀ ମିଶ୍ର, ରୁନୁ ପ୍ରଧାନ, ଆରତୀ ଷଡଙ୍ଗୀ ପ୍ରମୁଖ ସାମିଲ ଥିଲେ। ମଞ୍ଚର ଦେବାଶିଷ ବେହେରା ଓ ରାହୁଲ ଗୁପ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମାନବ ଶୃଙ୍ଖଳରେ ସାମିଲ ହୋଇଥିବା ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

## ଅଘରିଆ ସମାଜର ମହିଳା ସମ୍ମିଳନୀ

ଜମନକିରା/କୁଚିଣ୍ଡା,୧।୪(ଡି.ଏନ.ଏ.)

ଅଖିଳ ଭାରତୀୟ ଅଘରିଆ ସମାଜ ବାମଣ୍ଡା ଅଞ୍ଚଳ ଆନୁକୂଲ୍ୟରେ ମହିଳା ସମ୍ମିଳନୀ ଗୁରୁବାର କୁନ୍ତରାଠାରେ ଅନୁଷ୍ଠିତ ହୋଇଯାଇଛି। ବାମଣ୍ଡା ଆଞ୍ଚଳିକ କମିଟି ମହିଳା ସଭାପତି ରଜନୀ ପଟେଲ, ସମ୍ପାଦିକା ଜୟନ୍ତୀ ପଟେଲଙ୍କ ଆବାହକତ୍ୱରେ ଆୟୋଜିତ ସମ୍ମିଳନୀରେ ସମ୍ବଲପୁର ସମେତ ବଲାଙ୍ଗୀର, କଳାହାଣ୍ଡି, ଛତିଶଗଡ଼ ଅଞ୍ଚଳରୁ ଶତାଧିକ ମହିଳା ଯୋଗଦେଇଥିଲେ। ସମ୍ବଲପୁର ଜିଲା ପରିଷଦ ଅଧକ୍ଷ କୁମୁଦିନୀ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଖେଶମତି ପଟେଲ ଯୋଗ ଦେଇ ସାମାଜିକ ନ୍ୟାୟବୋଧ, ସାମାଜିକ ସମସ୍ୟା, ମହିଳା ସଶକ୍ତୀକରଣ ଉପରେ ବକ୍ତବ୍ୟ ରଖିଥିଲେ। ବିମଳା ପଟେଲ, ପ୍ରେମସିଲା ନାୟକ, ସ୍ନେହଲତା ପଟେଲ, ସୁଷମା ପଟେଲ, ସ୍ନିଗ୍ଧା ପଟେଲ, ସଂଯୁକ୍ତା ପଟେଲ, ସୌଦାମିନୀ ନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ରକ୍ତଦାନ ଶିବିର କରାଯାଇ ୧୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶେଷରେ ଓଡ଼ିଶା ପ୍ରଦେଶ ଅଘରିଆ ସମାଜ ସଭାପତି ନରେଶ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଜେଏନ୍‌ଭିରେ ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା

ଝାରସୁଗୁଡ଼ା ଅଫିସ,୧।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀର ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଯୋଗଦେଇ ପରୀକ୍ଷା ଜୀବନର ଏକ ଅଙ୍ଗ ବୋଲି ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏଥିରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଦେଶର ବହୁ ଶିକ୍ଷାଅନୁଷ୍ଠାନ ଯୋଡି ହୋଇଥିଲେ। ଝାରସୁଗୁଡ଼ା ହଂସାମୁରା କଣ୍ଟାପାଲି ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ (ଜେଏନ୍‌ଭି)ରେ ଭିଡିଓ କନ୍‌ଫରେନ୍ସିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଭିଭାବକ ସୁଜିତ ପ୍ରଧାନ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ସହିତ କଥାହୋଇ ଛାତ୍ରୀଛାତ୍ର ସିଲାବସ୍ ବାହାରେ କିଭଳି ମୋଟିଭେଶନ ହୋଇପାରିବେ ବୋଲି ପଚାରିଥିଲେ। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ବିସ୍ତୃତଭାବେ ବୁଝାଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଦୀକ୍ଷାଜ୍ୟୋତି ମିଶ୍ର ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ଦୀଲ୍‌ହାରନ ଜିତ୍‌ଲହାରେ ମଞ୍ଚ ପରିଚାଳନା କରିଥିଲେ।

ରାଜଗାଙ୍ଗପୁର ଡାଲମିଆଁ କଲେଜର ଅବସରପ୍ରାପ୍ତ ପ୍ରଫେସର ମୋହନ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ନୂଆ ଶିକ୍ଷାନୀତି ଉପରେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ ଶତାଧିକ ଅଭିଭାବକ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା।



ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅଭିଭାବକ।

## ନିଯୁକ୍ତି ମେଳା ପ୍ରହସନ

ଜମନକିରା,୧।୪ (ଡି.ଏନ.ଏ.)

ଜମନକିରା ବ୍ଲକ୍ ସଦର ମହକୁମାରେ ଓର୍‌ମାସ ଓ ଓଏଲ୍‌ଏମ୍ ମିଳିତ ଆନୁକୂଲ୍ୟରେ ଗୁରୁବାର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଓର୍‌ମାସ ପକ୍ଷରୁ ଏ ନେଇ ଗତ ୨୨ ତାରିଖରେ ବିଡିଓଙ୍କୁ ଚିଠି କରାଯାଇଥିଲା। ଉକ୍ତ ଚିଠିରେ ପ୍ରଚାରପ୍ରସାର ପାଇଁ ୧୫ ହଜାର, ଟେଣ୍ଟ ପାଇଁ ୨୫ ହଜାର, ଖାଦ୍ୟ ପାଇଁ ୧୪,୮୮୦, ନିମନ୍ତ୍ରଣ ପାଇଁ ୭,୫୦୦ ଏଭଳି ମୋଟ ୬୨,୩୮୦ ଟଙ୍କା ବ୍ୟୟ ଅଟକଳ ପାଇଁ ଅନୁମତି ଦିଆଯାଇଥିଲା। ମାତ୍ର ବ୍ଲକ୍ ଦାୟିତ୍ୱରେ ଥିବା ଅଧିକାର ଜୀବିକା ମିଶନର ବିପିଏମ୍ ଉକ୍ତ ଚିଠିକୁ ଗୁରୁତ୍ୱ ନ ଦେଇ ୮ଦିନ ବିତିଲା ପରେ ବୁଧବାର ଅପରାହ୍ନ ସାଢ଼େ ୧ଟାରେ ୨ ଗୋଟି ବୋଲେରୋରେ ପ୍ରଚାର ପ୍ରସାର କରିଥିଲେ। ଜମନକିରା ଜୀବିକା ମିଶନରେ ୨୧ ଜଣ ଏମ୍‌ବିକେ ଓ ୧୪୫ ଜଣ ସିଆର୍‌ପି ମହିଳା କାମ କରୁଥିବାବେଳେ ତାଙ୍କ ଦ୍ୱାରା ମଧ୍ୟ ଠିକ୍‌ରେ ପ୍ରଚାରପ୍ରସାର କରାଯାଇ ନ ଥିଲା। ଫଳରେ ମାତ୍ର ୩୪ଜଣ ଯୁବତୀଯୁବକ ନାମ ପଞ୍ଜୀକୃତ କରିଛନ୍ତି। ଭୌଗୋଳିକ ଦୃଷ୍ଟିରୁ ଏହା ଏକ ବଡ଼ ବ୍ଲକ୍ ହୋଇଥିବାବେଳେ ପୂର୍ବରୁ ଅନୁଷ୍ଠିତ ନିଯୁକ୍ତି ମେଳାରେ ଶତାଧିକ ଯୁବତୀଯୁବକ ପଞ୍ଜୀକୃତ କରିଥାନ୍ତି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏହି କାର୍ଯ୍ୟକ୍ରମ ପ୍ରହସନରେ ପରିଣତ ହେଉଛି। ବ୍ଲକ୍‌ର ୨୧ ପଞ୍ଚାୟତ ଥିବାବେଳେ କେବଳ ୧୦ ପଞ୍ଚାୟତରୁ ଯୁବତୀଯୁବକ ଏଥିରେ ସାମିଲ ହୋଇଥିଲେ। ସେହିପରି ମେଳାରେ ଯୋଗଦେବା ପାଇଁ ବ୍ଲକ୍ ଅଧ୍ୟକ୍ଷା, ଉପାଧ୍ୟକ୍ଷା, ଜିଲାପରିଷଦ ସଭ୍ୟ, ସମିତିସଭ୍ୟ, ସରପଞ୍ଚଙ୍କୁ ଚିଠି କରାଯାଇଥିବା ବେଳେ ବହୁକମ୍ ସଂଖ୍ୟାରେ ଜନପ୍ରତିନିଧି ଉପସ୍ଥିତ ଥିଲେ। କେତେଜଣ ଜନପ୍ରତିନିଧି କହିଥିଲେ, ୩୦ ତାରିଖରେ ଚିଠି କରାଯାଇଥିବାରୁ ମେଳାରେ ପହଞ୍ଚିବା ସମ୍ଭବ ହୋଇ ନ ଥିଲା। ଅନୁରୂପ ଭାବେ ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଥିବାବେଳେ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସଭା ଆରମ୍ଭ ହୋଇପାରି ନ ଥିଲା। ବିଡିଓ ରୁନୁ ମେହେର ମୁଖ୍ୟଅତିଥି ଓ ଜମନକିରା ଜିଲା ପରିଷଦ ଜୋନ-୧ ସୁଜାତା ଖୁଣ୍ଟିଆ, ଏମ୍‌ପିଙ୍କ ପ୍ରତିନିଧି ସୁନୀଲ ମୁଦୁଲି, ଓରମାସ୍ ଜିଲା ସଂଯୋଜକ ମନୀଷ ମହାନ୍ତି ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ବିପିଏମ୍ ମିହିର ଅବଦୁଲ ଫିଦା କରିମ ପରିଚାଳନା କରିଥିବା ବେଳେ ଏବିଡିଓ ରବୀନ୍ଦ୍ର ରଣା ଧନ୍ୟବାଦ ଦେଇଥିଲେ। ଅବ୍ୟବସ୍ଥା ସମ୍ପର୍କରେ ବିଡିଓ ମେହେର କହିଥିଲେ, ଆଗକୁ ଏଭଳି ସମସ୍ୟା ଯେମିତି ନ ହେବ ସେଥିପ୍ରତି ଦୃଷ୍ଟି ଦିଆଯିବ।



ନିଯୁକ୍ତି ମେଳାରେ ବହୁ କମ୍ ସଂଖ୍ୟକ ଯୁବତୀଯୁବକ ଉପସ୍ଥିତ ଅଛନ୍ତି।

## କୁଚିଣ୍ଡାରେ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ

କୁଚିଣ୍ଡା,୧।୪ (ଡି.ଏନ.ଏ.)

କୁଚିଣ୍ଡା କଲେଜଠାରେ ଶୁକ୍ରବାର ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରାଧ୍ୟାପିକା ସୁଚିତ୍ରା ମିଶ୍ରଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଅଶୋକ ପରିଡା ମୁଖ୍ୟଅତିଥି, ପ୍ରାଧ୍ୟାପକ ଅମିୟ ପାତ୍ର ମୁଖ୍ୟବକ୍ତା, ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଞ୍ଜୁକ୍ତା ମେହେର ଓ ଅଧ୍ୟାପିକା ସଞ୍ଜୁକ୍ତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ଓ ଓଡ଼ିଆ ଜାତିର ସ୍ୱାଭିମାନ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ସୂଚନାକେନ୍ଦ୍ରସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ କଲେଜରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ସମ୍ବର୍ଦ୍ଧନା ଉତ୍ସବ

ସମ୍ବଲପୁର,୧।୪(ବ୍ୟୁରୋ)

ସମ୍ବଲପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଗୁରୁବାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲିସ ବିଭାଗରେ ୩୮ବର୍ଷ କାର୍ଯ୍ୟ କରିଥିବା ହାବିଲଦାର ମେଜର ଲମ୍ବୋଦର ସାହୁ ଓ ୩୫ବର୍ଷ କାର୍ଯ୍ୟ କରିଥିବା କନଷ୍ଟେବଳ ଜେମ୍‌ସ ବାର୍ଲା ଅବସର ଗ୍ରହଣ କରିଛନ୍ତି। ଏସ୍‌ପି ବାତୁଲା ଗଙ୍ଗାଧର ଏମାନଙ୍କୁ ଉପଢ଼ୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଏସ୍‌ପି ତପନ ମହାନ୍ତି, ରିଜର୍ଭ ଇନ୍ସପେକ୍ଟର ରାଜୀବ ଲୋଚନ ସେଠ, ସମ୍ବଲପୁର ଜିଲା ହାବିଲଦାର, କନ୍‌ଷ୍ଟେବଳ ସଂଘ ସଭାପତି ରାମଦାଶ ପଣ୍ଡାଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସଚେତନତା




ଡକରା ଗ୍ରାମରେ ସଚେତନତା ରାଲି।

ସମ୍ବଲପୁର,୧।୪(ବ୍ୟୁରୋ)

ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ କ୍ଷେତ୍ର ଜନସମ୍ପର୍କ ବିଭାଗ ଅନୁକୂଳ୍ୟରେ ଏହା ଆୟୋଜିତ ହୋଇଥିଲା। ପ୍ରଥମେ ସଚେତନ ବାର୍ତ୍ତା ନେଇ ଗ୍ରାମରେ ଏକ ରାଲି କରାଯାଇଥିଲା। ଆୟୋଜିତ ସଭାରେ ଡିଆର୍‌ଡିଏ ଅତିରିକ୍ତ ପିଡି ତନ୍ମୟ ଦରୱାନ ମୁଖ୍ୟଅତିଥି ଓ ଖବରଦାତା ପ୍ରଫୁଲ୍ଲ କୁମାର ଦାସ, ଡିଆର୍‌ଡିଏ ନିର୍ବାହୀଯନ୍ତ୍ରୀ ସୂର୍ଯ୍ୟକାନ୍ତ ବିଶ୍ୱାଳ, ଡକରା ସରପଞ୍ଚ ସଞ୍ଜୀବ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ଅବାସ ଯୋଜନା ଓ ଜଳଶକ୍ତି ଅଭିଯାନ ବାବଦରେ ସବିଶେଷ ସୂଚନା ଦେଇଥିଲେ। ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ପରିବାର ଏହି ଯୋଜନାରେ ଉପକୃତ ହୋଇପାରିବେ। ଏଥିପାଇଁ ପଞ୍ଚାୟତ ସ୍ତରରୁ ଆରମ୍ଭ କରି ବ୍ଲକ ସ୍ତରରେ ଆବେଦନ ବ୍ୟବସ୍ଥା ରହିଛି। ଯଦି କୌଣସି ଅଯୋଗ୍ୟ ହିତାଧିକାରୀ ଯୋଜନାରେ ସାମିଲ ହେଉଛନ୍ତି ତା'ହେଲେ ତୁରନ୍ତ ଅଭିଯୋଗ କରିବାକୁ କୁହାଯାଇଥିଲା। ଏହି ଅବସରରେ ଏକ ସଚେତନତା ଧର୍ମୀ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ନିର୍ଦ୍ଦେଶକ ରାମେଶ୍ୱର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାଷା ଆମକୁ ପରିଚୟ ଦେଇଛି

ସମ୍ବଲପୁର,୧।୪(ବ୍ୟୁରୋ)

ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଜିଲାସ୍ତରୀୟ ଓଡ଼ିଶା ଦିବସ ଓ ବନ୍ଦେ ଉତ୍କଳ ଜନନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଡିଆର୍‌ଡିଏ ପିଡି ଦିଲୀପ କୁମାର ବଳ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି କୁମଦିନୀ ନାୟକ ଯୋଗ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ବିଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଅଭିଭାଷଣ ଦେଇଥିଲେ। ୧୯୩୬ ମସିହାରେ ଓଡ଼ିଶା ଭାଷା ସ୍ୱତନ୍ତ୍ର ଭାବେ ସ୍ୱୀକୃତି ପାଇଥିଲା। ଆମର ଏହି ଭାଷା ଆମକୁ ପରିଚୟ ଦେଇଆସୁଛି। ନିଜ ଭାଷାକୁ ସମସ୍ତ ସ୍ଥାନରେ ବ୍ୟବହାର କରି ଗର୍ବ ଅନୁଭବ ହୋଇଥାଏ। ସରକାରୀ ସ୍ତରରେ ଭାଷା ବ୍ୟବହାର ପାଇଁ ଚେଷ୍ଟା କରାଯାଉଛି। ଭାଷା ବଞ୍ଚିଲେ ସମାଜ ବଞ୍ଚିବ। ଏଥିପାଇଁ ସମସ୍ତଙ୍କୁ ଏକାଠି ହେବାକୁ ପଡିବ ବୋଲି ମତପ୍ରକାଶ ପାଇଥିଲା। ଶିକ୍ଷୟିତ୍ରୀ ସୁସ୍ମିତା ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ର ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା ଭାଷା ସାହିତ୍ୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସହଯୋଗ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଦିପକ କୁମାର କୁଲୁ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।



ଜଣେ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

## ସେବା ମନୋଭାବରେ ଆସ୍ଥାଭାଜନ ହେବା: ଆଇଜି



ପୋଲିସ ଆଇଜି, ଏସ୍‌ପିଙ୍କ ଗହଣରେ ପୁରସ୍କୃତ ଅଧିକାରୀ ଓ କର୍ମଚାରୀ

ସମ୍ବଲପୁର,୧।୪(ବ୍ୟୁରୋ)

ପୋଲିସ ବ୍ୟବସ୍ଥାରେ ଜନସାଧାରଣଙ୍କୁ ସୁରକ୍ଷା ଦେବା ପ୍ରଥମ ଦାୟିତ୍ୱ। ଲୋକଙ୍କ ଆସ୍ଥା ଭାଜନା ହେବା ପାଇଁ ସେବା ମନୋଭାବ ରହିବା ଆବଶ୍ୟକ। ସମ୍ବଲପୁର ରିଜର୍ଭ ପୋଲିସ ପଡିଆରେ ୮୭ତମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର ଏହା କରିଥିଲେ। ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେଡରେ ୬ ପ୍ଲାଟୁନ ଫୋର୍ସ, ୧ ଝଣ୍ଡା ପାର୍ଟି ସାମିଲ ଥିଲେ। ଆଇଜି କୁମାର ପରେଡ ଅଭିବାଦନ ଗ୍ରହଣ କରିଥିଲେ। ରିଜର୍ଭ ଇନ୍ସପେକ୍ଟର ରାଜୀବ ଲୋଚନ ସେଠ ପରେଡ ପରିଚାଳନା କରିଥିଲେ। ସମ୍ବଲପୁର ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଉପଜିଲାପାଳ ମୟୁର ବିକାଶ ସୂର୍ଯ୍ୟବଂଶୀ, ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦିପ କୁମାର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭାଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏସ୍‌ଆଇ ଏସ୍.କେ. ମାଣ୍ଡାଗି, ଏଏସ୍‌ଆଇ ଆର୍.ଏନ୍. ପ୍ରଧାନ, ହାବିଲଦାର ଅଶ୍ୱିନୀ କୁମାର ବେହେରା, କନଷ୍ଟେବଳ ମାଧୁରୀ ଛୁରା ଓ ମହେଶ୍ୱର ସାହୁ, ତପସ୍ୱିନୀ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଏସ୍‌ପି ନାରାୟଣ ନାଏକ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଏସ୍‌ପି ହରିଶ ବିଶି (ଆଇପିଏସ୍) ମଞ୍ଚରେ ଉପସ୍ଥିତ ଥିଲେ।

### ପୋଲିସ ପ୍ରତିଷ୍ଠା ଦିବସ: ସମ୍ମାନିତ ହେଲେ ଅଧିକାରୀ, କର୍ମଚାରୀ

ଝାରସୁଗୁଡ଼ା ଅଫିସ,୧।୪

ଝାରସୁଗୁଡା ଓଏସ୍‌ଏପି ଦ୍ୱିତୀୟ ବାଟାଲିଅନ ପଡିଆରେ ଜିଲା ପୋଲିସ ପ୍ରଶାସନ ତରଫରୁ ଶୁକ୍ରବାର ୮୭ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏସ୍‌ପି ବିକାଶ ଚନ୍ଦ୍ର ଦାସ ମୁଖ୍ୟଅତିଥି ଓ ଜିଲାପାଳ ସରୋଜ କୁମାର ସାମଲ, ଉପଦୁର୍ଗପତି ଲକ୍ଷ୍ମଣ ସିଂହ, ସହକାରୀ ଉପଦୁର୍ଗପତି ମାନ୍ଧାତା ସାଏ, ଦିଲୀପ ସାହୁ, ଅତିରିକ୍ତ ଏସ୍‌ପି କେଶବ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପରେଡ୍‌ରେ ୪ପ୍ଲାଟୁନ୍ ପୋଲିସ ସାମିଲ ହୋଇଥିଲେ। ଏହି ଅବସରରେ ପୋଲିସ ସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲାର ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିମଧ୍ୟରେ ରାଜ୍ୟସ୍ତରୀୟ ବେଷ୍ଟ ବାଟାଲିଅନ ଭାବେ ଝାରସୁଗୁଡ଼ା ଓଏସ୍‌ଏପି ଦ୍ୱିତୀୟ ବାଟାଲିଅନ, ରାଜ୍ୟସ୍ତରୀୟ ବେଷ୍ଟ ସୁବେଦାର ଲୋକନାଥ ଲାମା, ଡିଜିପି ଡିକ୍ସ ଆୱାର୍ଡ କମାଣ୍ଡାଣ୍ଟ ଭବାନୀ ଶଙ୍କର ସେଠ୍, ଏସ୍‌ଆଇ ସାଗର ପ୍ରସାଦ ଯୋଶୀ, ହାବିଲଦାର ଶ୍ୟାମ ବାହାଦୁର ରାଣା, ଝାରସୁଗୁଡ଼ା ଥାନା ଆଇଆଇସି ସାବିତ୍ରୀ ବଳ, ରାଜ୍ୟସ୍ତରୀୟ କ୍ୟାସ ରିୱାର୍ଡ ଏସ୍‌ଆଇ ରବି ଶଙ୍କର ଭଇଁସା, ଟ୍ରାଫିକ୍ କନଷ୍ଟେବଳ ବଜରଙ୍ଗ ବେହେରା, ବାଟାଲିଅନ ଲେବଲ କ୍ୟାସ୍ ରିୱାର୍ଡ ଭାବେ ଏସ୍‌ଆଇ ଶରଣ କୁମାର ଛେତ୍ରୀ, ଏଏସ୍‌ଆଇ ୟାମବାହାଦୁର ଗୁରୁଙ୍ଗ, ହାବିଲଦାର ସନ୍ତରାଜ ଶ୍ରେଷ୍ଠ, ସିପାହୀ ଛବିଲାଲ ଥାପାଙ୍କୁ ମାନପତ୍ର ସହ କ୍ୟାସ୍ ଆୱାର୍ଡ ପ୍ରଦାନ କରଯାଇଛି।



କାର୍ଯ୍ୟକ୍ରମରେ ଏସ୍‌ପି ଅଭିବାଦନ ଗ୍ରହଣ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨ ଏପ୍ରିଲ, ୨୦୨୨



## ନୂତନ ପରିଚାଳନା କମିଟି ସଦସ୍ୟଙ୍କୁ ସ୍ୱାଗତ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲରେ ନୂତନ ପରିଚାଳନା କମିଟି ସଦସ୍ୟମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ଅଧକ୍ଷତା କରିଥିଲେ। ଶିକ୍ଷକ ସମ୍ପିତ ପଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଦ୍ମନାଭ ପଧାନ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ, ସ୍କୁଲ ପରିଚାଳନା କମିଟିର ସଭାପତି ବିମ୍ବାଧର ସାହୁ, ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ, ଜନ୍ମେଜୟ ପଧାନ, ଅଶୋକ କୁମାର ସାହୁ ଓ ବିନୋଦ ସେଠୀ ମଞ୍ଚାସୀନ ଥିଲେ। ନୂତନ ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। ଶେଷରେ ଶିକ୍ଷକ ବ୍ରହ୍ମାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

#### ଖେଳ ହେଲା କାଳ

ଲୋଇସିଂହା,୧।୪(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ଅନ୍ତର୍ଗତ ଲୁହୁରାମୁଣ୍ଡା ଗାଁରେ ଶୁକ୍ରବାର ପୋଖରିରେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅମୂଲ୍ୟ ଜୁଏଡ(୨୧)। ମୃତଦେହକୁ ଲୋଇସିଂହା ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଅମୂଲ୍ୟ ସାଙ୍ଗମାନଙ୍କ ସହ ଗାଁ ପୋଖରୀକୁ ମଧ୍ୟାହ୍ନରେ ଗାଧୋଇବାକୁ ଯାଇଥିଲେ। ସେଠାରେ ସାଙ୍ଗମାନଙ୍କ ସହ ପାଣିବୁଡା ଖେଳ ଖେଳିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଅମୂଲ୍ୟ ପାଣିରୁ ନ ବାହାରିବାରୁ ସାଙ୍ଗମାନେ ତାଙ୍କ ପରିବାରକୁ ଜଣାଇଥିଲେ। ଏନେଇ ଗ୍ରାମବାସୀ ଲୋଇସିଂହା ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଖୋଜାଖୋଜି କରିଥିଲେ। ଦୀର୍ଘସମୟ ପରେ ପୋଖରୀରୁ ତାଙ୍କୁ ଉଦ୍ଧାର କରାଯାଇ ଲୋଇସିଂହା ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅମୂଲ୍ୟଙ୍କ ଅକାଳ ମୃତ୍ୟୁରେ ଗାଁରେ ଶୋକର ଛାୟା ଖେଳିଯାଇଛି।

### ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଦାବି

ଲାଠୋର,୧।୪(ଡ଼ି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗାଁର ଆଦର୍ଶ ପଡ଼ା, ଖଇରାପଡ଼ା, ବାଗପଡ଼ାବାସୀଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯିବା ଲାଗି ରବି ସୁନା, ଗଣେଶ ଛତ୍ରିଆ, ଲାଏବାନ ସୁନା,ପ୍ରମୋଦ ଛତ୍ରିଆ,ଦୁର୍ଗା ଭୋଇ,ବସୁଦେବ ବାଗ, ଭୀମ ବେହେରା ପ୍ରମୁଖ ଦାବି କରିଛନ୍ତି। ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଲାଠୋର ଗ୍ରାମରେ ଦୁଇଗୋଟି ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇ ଗ୍ରାମବାସୀଙ୍କୁ ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ହେଲେ ଆଜି ଯାଏ ଉପରୋକ୍ତ ୩ ପଡ଼ାବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇ ପାରିନାହିଁ। ଏପରି କି ପଡ଼ାଗୁଡିକୁ ଜଳ ଯୋଗାଣ ପାଇଁ ପାଇପ ମଧ ବିଛାଯାଇ ନାହିଁ। ଏ ନେଇ ପଞ୍ଚାୟତ ଠାରୁ ବ୍ଲକ କାର୍ଯ୍ୟାଳୟ ଯାଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଗୁହାରି କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଫଳରେ ପଡ଼ାବାସୀ ଖୋଲାକୂଅ ତଥା ନଳକୂପର ଦୂଷିତ ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି। ଏନେଇ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲଙ୍କୁ ପଚାରିବାରେ ଖୁବଶୀଘ୍ର ତିନି ଗୋଟି ପଡ଼ାବାସୀଙ୍କ ପାଇଁ ଏକ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇ ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

### ବାର୍‌ହା ଆକ୍ରମଣରେ ବୃଦ୍ଧାବୃଦ୍ଧ ଗୁରୁତର

ବିନିକା,୧।୪(ଡି.ଏନ୍.ଏ.): ଶୁକ୍ରବାର ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ବିଶାଳପାଲି ଗ୍ରାମର ଦୁଇ ଜଣ ବ୍ୟକ୍ତି ବାର୍‌ହା ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ବିଶାଳପାଲିର ଭେଲ ଭୁଏ (୬୦) ଓ ବୈଦ୍ୟନାଥ ମେଲ୍ଲୀ (୬୦) ବିଲ ମଧରେ ଉଠିଥିବା ଅନାବନା ଗଛ ଉପାଡୁଥିଲେ। ଏହି ସମୟରେ ସିଂଘିଯୁବା ସଂରକ୍ଷିତ ଜଙ୍ଗଲରୁ ଏକ ବାର୍‌ହା ଆସି ହଠାତ୍ ଉଭୟଙ୍କୁ ଆକ୍ରମଣ କରିଥିଲା। ଭେଲଙ୍କ ଡାହାଣ ହାତ ଓ ବୈଦ୍ୟନାଥଙ୍କ ପିଠି ଓ ଜଙ୍ଘକୁ ବାର୍‌ହା କାମୁଡି ଦେବାରୁ ସେମାନେ ଯନ୍ତ୍ରଣାରେ ଚିତ୍କାର କରିଥିଲେ। ପାଟି ଶୁଣି ଆଖପାଖ ବିଲ ତଥା ମୁଖ୍ୟରାସ୍ତାରେ ଯାଉଥିବା ଲୋକେ ଧାଇଁ ଆସିବାରୁ ବାର୍‌ହା ମୁଖ୍ୟରାସ୍ତା ପାର ହୋଇ ଜଙ୍ଗଲକୁ ପଳାଇ ଯାଇଥିଲା। ପରେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସରେ ନିଆଯାଇ ବିନିକା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଭେଲାଙ୍କ ହାତରୁ ପ୍ରଚୁର ରକ୍ତସ୍ରାବ ହୋଇଥିବାରୁ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି। ସିଂଘିଯୁବା ଫରେଷ୍ଟର ଲିଙ୍ଗରାଜ ନାଇକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତ ୨ ଜଣଙ୍କୁ ଭେଟିଛନ୍ତି। ଆହତ ବୃଦ୍ଧା ବୃଦ୍ଧଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଗୋଡ଼ା ପାହାଡ଼ରେ ନିଆଁ

■ନିଆଁ ଲିଭାଇବାରେ ୩୦ ଦଳ ନିୟୋଜିତ
■୫ ଦିନ ହେଲା ଲାଗିଛି ନିଆଁ

ନୂଆପଡ଼ା ଅଫିସ,୧।୪


ଜଙ୍ଗଲରେ ନିଆଁ ଲାଗିଥିବା ଦୃଶ୍ୟ।

ଆଜକୁ ପ୍ରାୟ ୫ ଦିନ ହେବ ନୂଆପଡା ଜିଲାର ବିଭିନ୍ନ ଙ୍ଗଲରେ ହୁହୁ ହୋଇ ନିଆଁ ଜଳୁଛି। ଗ୍ରାମ୍ୟ ଜଙ୍ଗଲଠାରୁ ଆରମ୍ଭ କରି ଛୋଟବଡ ପାହାଡରେ ନିଆଁ ଲାଗି ସାରିଲାଣି। ପାହାଡ ତଳି ଗାଁରେ ନିଆଁ ଲାଗିବା ସମ୍ଭାବନା ରହିଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବନ ବିଭାଗ ନିଆଁ ଆୟତ୍ତ କରିବାରେ ନାକେଦମ ହୋଇଗଲାଣି। ନିଆଁ ଲିଭିବାର ନାଁ ନେଉନି। ବନ ବିଭାଗ ନିଆଁ ଲିଭାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ନିଆଁର ପ୍ରକୋପ ଏତେ ଜୋରରେ ବଢି ଚାଲିଛି ଯେ ପାଖକୁ ଯିବା ପାଇଁ ସାହାସ ମଧ୍ୟ ହେଉନାହିଁ। ସନ୍ଧ୍ୟା ହେଲେ ସ୍ପଷ୍ଟ ଜଣାପଡୁଛି। ନିଆଁ ଲିଭାଇବା ପାଇଁ କୋମନା ରେଞ୍ଜରେ ୧୦, ସୁନାବେଡା ରେଞ୍ଜରେ ୧୦, ନୂଆପଡା ରେଞ୍ଜରେ ୧୦ ମୋଟ ୩୦ଟି ଦଳ ନିୟୋଜିତ କରାଯାଇଛି। ହେଲେ ମଧ୍ୟ ନିଆଁ ଆୟତ୍ତ କରିବାରେ ବିଫଳ ହୋଇଛନ୍ତି। ସୂଚନା ଯେ, ବ୍ୟାଘ୍ର ପ୍ରକଳ୍ପ ନାମରେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ରହିଥିବା ସୁନାବେଡା ଅଭୟାରଣ୍ୟ ଗୋଡା ପାହାଡ ୫ ଦିନ ହେଲା ନିଆଁ ଲାଗି ରହିଛି। ଗୋଡା ପାହାଡରେ ଅନେକ ଜୀବଜନ୍ତୁ ବାସ କରୁଥିବା ବେଳେ ନିଆଁ ଲାଗି ଯୋଗୁ ଛିନ୍ନଛତ୍ର ହେବାରେ ଲାଗିଛନ୍ତି। ସଚେତନତା ଅଭାରୁ ଲୋକେ ଜଙ୍ଗଲରେ ଲିଆଁ ଲଗାଉଥିବା ଅଭିଯୋଗ ହେଉଛି। ବନ ବିଭାଗ ଦ୍ୱାରା ଡାକବାଜି ଯନ୍ତ୍ର କିମ୍ବା ପଥପ୍ରାନ୍ତ ନାଟକ ମାଧ୍ୟମରେ ଜଙ୍ଗଲ ତଳି ଗାଁରେ ସଚେତନ କରୁ ନ ଥିବା ଅଭିଯୋଗ ହେଉଛି। ଲୋକ ଦେଖାଣିଆ କାର୍ଯ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ନୂଆପଡା ଜିଲାରେ ୮୦ % ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ମୁଖ୍ୟ ଜୀବିକା ହେଲା ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା। ସେଥିରୁ ଯାହା ରୋଜଗାର ହୁଏ ପରିବାର ପ୍ରତିପୋଷଣ କରିଥାନ୍ତି। ବର୍ତ୍ତମାନ ମହୁଲଫୁଲ ଗୋଟାଇବା ସମୟ ହୋଇଥିବାରୁ ମହୁଲ ଗୋଟେଇ ଯାଇ ମହୁଲ ପତ୍ର ସଫା କରିବା ନାଁରେ ନିଆଁ ଲଗାଉଥିବା ଅନୁମାନ କରାଯାଉଛି।

# ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ


ବରଗଡ଼ରେ ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ବରଗଡ଼ ଅଫିସ୍,୧।୪

ବରଗଡ଼ ନିଶାମଣି ହାଇସ୍କୁଲ ସମ୍ମୁଖ ଲୋକମଣ୍ଡପ ପଡ଼ିଆରେ ଗୁରୁବାର ସନ୍ଧ୍ୟାରେ ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମାରୋହରେ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରାଳୟ, ବିକାଶ ଆୟୁକ୍ତ (ହସ୍ତଶିଳ୍ପ) ବିଭାଗ, ସମ୍ବଲପୁରର ସହ ନିର୍ଦ୍ଦେଶକ କୁମାରୀ ଶୈଳଜା, ଜିଲା ଶିଳ୍ପ କେନ୍ଦ୍ରର ଭାରପ୍ରାପ୍ତ ପରିଚାଳିକା ସୁଷମା କରାଳି, ବରଗଡ଼ ହସ୍ତଶିଳ୍ପ ବିଭାଗର ହସ୍ତଶିଳ୍ପ ବିଭାଗ ଅଧିକାରୀ ପୁଷ୍ପରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଉକ୍ତ ପ୍ରଦର୍ଶନୀ ଅନୁଗୁଳର ଡୋଭ୍ ଦ୍ୱାରା ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରାଳୟ, ବିକାଶ ଆୟୁକ୍ତ(ହସ୍ତଶିଳ୍ପ) ବିଭାଗ ସହାୟତାରେ ଆୟୋଜିତ ହୋଇଛି। ଆସନ୍ତା ଏପ୍ରିଲ ୯ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲିବ। ପ୍ରଦର୍ଶନୀରେ ଭାରତର ବିଭିନ୍ନ ପ୍ରାନ୍ତରୁ ଶହେ ଜଣ ଶିଳ୍ପୀ ସେମାନଙ୍କ ହାତ ତିଆରି ସାମଗ୍ରୀ ପ୍ରଦର୍ଶନୀ ସହିତ ବିକ୍ରୟ କରୁଛନ୍ତି। ହସ୍ତଶିଳ୍ପର ପ୍ରଚାର, ପ୍ରସାର କରି ଶିଳ୍ପୀମାନଙ୍କ ଅର୍ଥନୈତିକ ମାନଦଣ୍ଡ ବୃଦ୍ଧି ସହିତ ହସ୍ତଶିଳ୍ପ କ୍ଷେତ୍ରରେ ବିପୁଳ କର୍ମ ନିୟୋଜନ ଉକ୍ତ ପ୍ରଦର୍ଶନୀର ଲକ୍ଷ୍ୟ ଅଟେ। କର୍ଣ୍ଣାଟକର କାଠକାମ, ମହୀଶୂରର ଧୂପକାଠି, ମରୁଦାବାଦର ପିତ୍ତଳ କାମ, ପଶ୍ଚିମବଙ୍ଗର ଫୁଲ, ଶୀତଳ ପଟି, ରାଜସ୍ଥାନର ଟାଇ ଆଣ୍ଡ୍ ଡାଇ ଜୁଏଲାରୀ, ପଞ୍ଜାବର ଜୋତା, ଲକ୍ଷ୍ନୌର ବେଡ୍ କଭର, ବେଡ୍ ସିଟ୍, ବଲାଙ୍ଗୀର କାରପେଟ୍, ବାଲେଶ୍ୱର ଓ ଭଦ୍ରକର ଧାନକାମ, ବରଗଡ଼ ଓ ସୋନପୁରର ଶାଢ଼ି, ଟେରାକୋଟା, ଢେଙ୍କାନାଳର ବାଉଁଶ, କନ୍ଧମାଳର କାଠକାମ, ନବରଙ୍ଗପୁରର ଟାଇ, ପୁରୀର ଚାନ୍ଦୁଆ, କଟାକାମ ଆଦି ହସ୍ତଶିଳ୍ପ ପ୍ରଦର୍ଶନୀ ସହିତ ବିକ୍ରି ହେଉଛି।

# ଜିଲାପାଳଙ୍କ ଅଫିସ ଆଗରେ ଗଣଧାରଣା



କୋସଲି ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦାବିରେ ଜିଲାପାଳଙ୍କ ଅଫିସ ଆଗରେ ଗଣଧାରଣା ଦିଆଯାଇଛି।

ବରଗଡ଼ ଅଫିସ୍,୧।୪

#### କୋସଲି ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦାବି

କୋସଲି ଭାଷାର ସାମ୍ବିଧାନିକ ସ୍ୱୀକୃତି ଦାବିରେ ଶୁକ୍ରବାର କୋସଲି କ୍ରିୟାନୁଷ୍ଠାନ କମିଟି ତରଫରୁ ବରଗଡ଼ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଧାରଣାରେ ଅନୁଷ୍ଠାନର ଆବାହକ ସାକେତ ଶ୍ରୀଭୂଷଣ ସାହୁ କହିଥିଲେ, କୋସଲାଞ୍ଚଳ ଦୀର୍ଘ ୮୬ବର୍ଷ ହେଲା ଓଡ଼ିଶା ସହିତ ମିଶିବା ପରେ ସୁଦ୍ଧା ଏହାର ଭାଷା, ସଂସ୍କୃତିକୁ ଉଚିତ ସମ୍ମାନ ଦିଆଯାଇନାହିଁ। ପ୍ରାୟ ୨କୋଟି ଲୋକଙ୍କ ମାତୃଭାଷା ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ଆବେଦନ ତଥା ଦୀର୍ଘ ଦଶନ୍ଧିରୁ ଉଠୁଥିବା ଦାବିକୁ ସମ୍ମାନ ଦେଇ କେନ୍ଦ୍ର ସରକାର ଯଥାଶୀଘ୍ର କୋସଲି ଭାଷାକୁ ଅଷ୍ଟମ ସୂଚୀରେ ସାମିଲ କରି କୋସଲିକୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି ହୋଇଛି। ଏହି କ୍ରମରେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବରଗଡ଼ ଜିଲାର ଭାଷାକର୍ମୀ ବଲ୍ଲଭ ସାହୁ, ଗଜପତି ସାହୁ, ଯଦୁମଣି ସାହୁ, ଈଶ୍ୱର ସାହୁ, ସୁଦାମ ମେହେର ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ଆମ ଆଦମୀ ପାର୍ଟିର ଅମିତାଭ ପାତ୍ର, ଭବାନୀ ପ୍ରସାଦ ସାହୁ, ସାମାଜିକ କାର୍ଯ୍ୟକର୍ତ୍ତା ମେଘନାଦ ପ୍ରଧାନ, ଶିଶୁପାଳ ଖମାରି ପ୍ରମୁଖ ଉପସ୍ଥିତ ଥିଲେ।

### ଦୁଇଦିନିଆ ସୂଚନା ଅଧିକାର ଆଇନ କର୍ମଶାଳା

ଖପ୍ରାଖୋଲ,୧।୪(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ଡୁଡୁକିପଦର ଗାଁ କମ୍ୟୁନିଟି ସେଣ୍ଟରଠାରେ ଓଡିଶା ସୂଚନା ଅଧିକାର ଅଭିଯାନ ତରଫରୁ ସୂଚନା ଅଧିକାର ଆଇନ ସମ୍ପର୍କିତ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଶତ୍ରୁଘ୍ନ ନାଏକ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଓଡିଶା ସୂଚନା ଅଧିକାର ଅଭିଯାନ ରାଜ୍ୟ ଆବାହକ ପ୍ରଦୀପ ପଧାନ, ବରିଷ୍ଠ ସୂଚନା ଅଧିକାର କର୍ମୀ ଅଞ୍ଜନ ରଥ, ରୋହନ ମହାନ୍ତି, ସୁଶାନ୍ତ ଗଡ଼ତ୍ୟା, ସଚିକାନ୍ତ ପଧାନ, ପୂର୍ବତନ ସରପଞ୍ଚ ଜତୀ ପଧାନ, ସଞ୍ଜୀବ ଶତପଥୀ, ପ୍ରହଲ୍ଲାଦ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଅଧିକାର ଅଭିଯାନକୁ ଗାଁ ସ୍ତର ଯାଏ ପହଞ୍ଚାଇ ଏହି ଆଇନର ବ୍ୟବହାର ଉପରେ ସଚେତନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଶଙ୍କର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତ ଅଫିସ୍‌ର ନୂତନ କୋଠା ଉଦ୍‌ଘାଟିତ

ଜୁନାଗଡ,୧।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କଲେଇଗାଁ ପଞ୍ଚାୟତ କାର୍ଯ୍ୟାଳୟର ନୂତନ କୋଠା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମଳୟ ରଞ୍ଜନ ଆଚାର୍ଯ୍ୟ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ସମାରୋହରେ ପୂର୍ବତନ ସରପଞ୍ଚ ବିରଞ୍ଚି ଖମାରୀ, ପିଇଓ ଟୁନୁ ଗଡତିଆ, ନାଏବ ସରପଞ୍ଚ ସୂର୍ଯ୍ୟମଣି ନିଆଲ, ସମିତିସଭ୍ୟା ମମତା ପାତ୍ର, ଜିଆରଏସ୍ ଭାଗୀରଥି ଧଙ୍ଗଡାମାଝି, ଯୋଗାଣ ସହାୟକ ତ୍ରିନାଥ ବାଗ, ପ୍ରେରକ ଫାଲଗୁନି ପଟେଲ, ୱାର୍ଡ ସଭ୍ୟା ରଞ୍ଜିତା ପାତ୍ର, ସଭ୍ୟ ଭଗବାନ ରାଉତ, ମଦନ ବେହେରା, ଦୟାନିଧି ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି କୋଠାଟି ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହୋଇଥିବା ଜଣାପଡିଛି। ପରେ ପଞ୍ଚାୟତର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ମଳୟ ରଞ୍ଜନ ଆଚାର୍ଯ୍ୟ ଅଧକ୍ଷତା କରିଥିଲେ। ପଞ୍ଚାୟତର ବିକାଶ ପାଇଁ ସମସ୍ତେ ଆଗେଇ ଆସିବା ପାଇଁ ସରପଞ୍ଚ କହିଥିଲେ। ଏହାପରେ ପୂର୍ବତନ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟାଙ୍କୁ ଉପଢୌକନ ଦେଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ସ୍କୁଲ ପରିଦର୍ଶନ କଲେ ବ୍ଲକ ଅଧ୍ୟକ୍ଷ, ବିଡିଓ

ଗୋଲାମୁଣ୍ଡା,୧।୪(ଡି.ଏନ.ଏ.)


ପରିଦର୍ଶନ ସମୟରେ ଉପସ୍ଥିତ ଅଧକ୍ଷ ଓ ବିଡିଓଙ୍କ ସହ ଅନ୍ୟମାନେ।

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧିକାଂଶ ସ୍କୁଲରେ ୫-ଟି କାମ ଚାଲୁଥିବା ବେଳେ ପ୍ରାୟ ସ୍କୁଲରେ ଶ୍ରେଣୀ ଗୃହ, ପିଇବା ପାଣି ଓ ଅନ୍ୟାନ୍ୟ ସମସ୍ୟା ରହିଛି। ଶୁକ୍ରବାର ହଠାତ୍ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ଏବଂ ବିଡିଓ ସ୍ନିଗ୍ଧାରାଣୀ ପ୍ରଧାନ ଚହକା ସରକାରୀ ଉନ୍ନୀତି ଉଚ୍ଚ ବିଦ୍ୟାଳୟ ଓ ବଡଚେରଗାଁ ପବ୍ଲିକ ହାଇସ୍କୁଲରେ ପହଞ୍ଚି ୫-ଟି କାମ ପରିଦର୍ଶନ କରିଥିଲେ। ଉନ୍ନତିମାନର କାମ କରିବା ଏବଂ ଅତିଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚହକା ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ଶ୍ରେଣୀ ଗୃହ ବ୍ୟବସ୍ଥା ନ ଥିବା ଅଭିଭାବକମାନେ ବ୍ଲକ ଅଧକଙ୍କୁ ଜଣାଇଥିଲେ। ଏ ନେଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଅନୁରୋଧ କରିବି ଓ ଶ୍ରେଣୀ ଗୃହ ବ୍ୟବସ୍ଥା କରିବି ବୋଲି ବ୍ଲକ ଅଧକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଚହକା ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ କେବଳ ୨ଜଣ ଶିକ୍ଷକ ରହିଥିବା ବେଳେ ଶିକ୍ଷାଦାନ ପାଇଁ ବହୁତ ଅସୁବିଧା ହେଉଛି। ପଢିବା ପାଇଁ ବର୍ତ୍ତମାନ ଶ୍ରେଣୀ ଗୃହ ନାହିଁ ଏବଂ ମଧ୍ୟାହ୍ନ ଭୋଜନ ପାଇଁ ଉପଯୁକ୍ତ ସ୍ଥାନ ନ ଥିବା ଅଭିଭାବକଙ୍କ ସମେତ ଛାତ୍ରୀଛାତ୍ରମାନେ ବ୍ଲକ ଅଧକ୍ଷ ଓ ବିଡିଓଙ୍କୁ ଜଣାଇଥିଲେ। ପରିଦର୍ଶନ ସମୟରେ ଅଧକ୍ଷ ମହାନନ୍ଦ, ବିଡିଓ ପ୍ରଧାନଙ୍କ ସମେତ କେଗାଁ ଜିଲା ପରିଷଦ ସଭ୍ୟ ଜୟସେନ ସାହୁ, କନିଷ୍ଠ ଯନ୍ତ୍ରୀ ନିକୁଞ୍ଜ ନାଏକ, ଚହକା ସରପଞ୍ଚ ହେମବନ୍ତୀ ତାଣ୍ଡି, ନାଏବ ସରପଞ୍ଚ ଲୋଚନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

### କୋସଲପ୍ରେମୀ କଳା ପତାକା ଉଡ଼ାଇଲେ

ବରଗଡ଼ ଅଫିସ୍,୧।୪

ବରଗଡ଼ ଜିଲା ସଦର ମହକୁମାରେ ଶୁକ୍ରବାର ଓଡ଼ିଶା ଦିବସ ପାଳନ କରାଯାଇଥିଲା। ତେବେ ଓଡ଼ିଶା ଦିବସ ପାଳନ ଏବଂ ବନ୍ଦେ ଉତ୍କଳ ଜନନୀ ଗାନକୁ କୋସଲ ରାଜ୍ୟ ସମନ୍ୱୟ ସମିତି ବିରୋଧ କରିଥିଲା। ଏହି କ୍ରମରେ ସକାଳୁ ସ୍ଥାନୀୟ ଗାନ୍ଧୀ ଛକରେ କୋସଲପ୍ରେମୀ କଳା ପତାକା ଉଡ଼ାଇଥିଲେ। ଏହା ସହିତ ସେମାନେ କଳା ପତାକା ଧରି ସହର ପରିକ୍ରମା କରିବା ସହିତ ସ୍ଥାନୀୟ ଆହାର କେନ୍ଦ୍ର ନିକଟରେ ଥିବା ଏକ ବ୍ୟାନରକୁ ଫାଡ଼ି ଦେଇଥିଲେ। ସନ୍ଧ୍ୟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଓଡ଼ିଶା ଦିବସ ଏବଂ ଜିଲା ପ୍ରତିଷ୍ଠା ଦିବସ ପାଳନ କରାଯାଉଥିଲା। ମାତ୍ର ସେଠାରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ମାତ୍ରେ କୋସଲପ୍ରେମୀମାନେ ତୀବ୍ର ବିରୋଧ ଓ ନାରାବାଜି କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ଉପସ୍ଥିତ ପୋଲିସ ସେମାନଙ୍କୁ ସେଠାରୁ ସେମାନଙ୍କୁ ଘଉଡ଼ାଇ ଦେଇଥିଲା। କୋସଲ ରାଜ୍ୟ ସମନ୍ୱୟ ସମିତି ନେତୃତ୍ୱରେ ଆବାହକ ସୁରେନ୍ଦ୍ର କୁମାର ପଣ୍ଡା, ଅଜିତ ପତି, ଦୀପକ ଦାଶ, ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ବ୍ରହ୍ମଚାରୀରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା


ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ସମାରୋହରେ ଚାଲିଥିବା ପୂଜାର୍ଚ୍ଚନା।

ବରଗଡ଼ ଅଫିସ୍,୧।୪

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୬ସ୍ଥିତ ବ୍ରହ୍ମଚାରୀଠାରେ ନବନିର୍ମିତ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ସମାରୋହ ବୁଧବାର ସମ୍ପନ୍ନ ହୋଇଛି। ୫ଦିନ ଧରି ଅନୁଷ୍ଠିତ ଏହି ସମାରୋହର ପ୍ରଥମ ଦିବସରେ ଗ୍ରାମ ପୋଖରୀରୁ ଶତାଧିକ ଶ୍ରଦ୍ଧାଳୁ କଳସରେ ଜଳ ନେଇ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଟଙ୍କଧର ସାହୁ ଗଜପତି ଦାୟିତ୍ୱ ନିର୍ବାହ କରିଥିବାବେଳେ ରମେଶ ପ୍ରଧାନ, ରାସେଶ୍ୱରୀ ପ୍ରଧାନ, ଚୂଡ଼ାମଣୀ ଦୋରା, ପ୍ରତିଭା ଦୋରା, ଭାଗିରଥି ସାହୁ, ନିହାରିକା ସାହୁ, କୃଷ୍ଣ ଦୋରା, ଚନ୍ଦ୍ରକାନ୍ତୀ ଦୋରା, ଶରତ ବର୍ଗର୍ତ୍ତି, ନିରୂପମା ବର୍ଗର୍ତ୍ତି, ପୁରନ୍ଦର ଦୋରା, ନନ୍ଦିନୀ ଦୋରା, ପରେଶ ଖମାରୀ, ସଂଯୁକ୍ତା ଖମାରୀ, ସୁବଳ ଦୋରା, ରାନୀ ଦୋରା, ଅରୁଣ ବର୍ଗର୍ତ୍ତି, ସଂଯୁକ୍ତା ବର୍ଗର୍ତ୍ତି ପ୍ରମୁଖ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ କୃଷ୍ଣଗୁରୁ, ପ୍ରବଚନ, ନଗର କୀର୍ତ୍ତନ, କବି ସମ୍ମିଳନୀ, ପାରାୟଣ ହୋଇଥିଲା।

# ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

କୋକସରା,୧।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ନିହାର କାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ଯୋଗଦେଇଥିଲେ। ଅଧ୍ୟାପକ ସଞ୍ଜୟ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଶାନ୍ତ ଜୋଷୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା କଲ୍ୟାଣୀ ମହାନ୍ତି ଶିବିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। କୋକସରା ଡିଗ୍ରୀ କଲେଜ ପ୍ରଶିକ୍ଷିକା ପ୍ରିୟଦର୍ଶନୀ ବେହେରା ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ହେମନ୍ତ ସେନାପତି, ଭାଗବତ କଟା, ଭାରତ ଠାକୁର, ବିଭୁଞ୍ଜନ ସାହୁ, ତୁଳସୀ ବାଗ, ଦିବାକର ଦୁର୍ଗାଙ୍କ ସମେତ ଛାତ୍ରୀମାନେ ସହଯୋଗ କରିଥିଲେ। ଅଧ୍ୟାପକ ପ୍ରେମାନନ୍ଦ ସାହା ଧନ୍ୟବାଦ ଅର୍ପଣ କରିଥିଲେ।

# କୋସଲି ଭାଷାର ସାମ୍ବିଧାନିକ ମାନ୍ୟତା ଦାବିରେ ଗଣଧାରଣା

ସୋନପୁର,୧।୪(ନି.ପ୍ର.)



ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଗଣଧାରଣା।

କୋସଲି ଭାଷାର ସାମ୍ବିଧାନିକ ମାନ୍ୟତା ଦାବିରେ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ଶୁକ୍ରବାର ଗଣଧାରଣା ଦିଆଯାଇଥିଲା। କୋସଲି ଭାଷା ଅତ୍ୟନ୍ତ ପ୍ରାଚୀନ ଓ ସମୃଦ୍ଧ। ଏହି ଭାଷା ଯେତିକି ମଧୁର ସେତିକି ବୈଜ୍ଞାନିକ। ପ୍ରାୟ ଅଢେଇ କୋଟି ଲୋକ ଏହି ଭାଷା ବ୍ୟବହାର କରନ୍ତି। ଏହି ଭାଷାରେ ଅଜସ୍ର ସାହିତ୍ୟ ସୃଷ୍ଟି ହୋଇ ସାରିଛି। ମାତ୍ର ଭାଷାକୁ ଏ ପର୍ଯ୍ୟନ୍ତ ସାମ୍ବିଧାନିକ ସ୍ୱୀକୃତି ମିଳିନି। ତେଣୁ କୋସଲି ଭାଷାକୁ କେନ୍ଦ୍ର ସରକାର ସାମ୍ବିଧାନିକ ମାନ୍ୟତା ଦେବା, କୋସଲି ଭାଷାରେ ପଶ୍ଚିମାଞ୍ଚଳରେ ପ୍ରାଥମିକ ଶିକ୍ଷା ପ୍ରଦାନ, କୋସଲି ଭାଷାକୁ ଓଡିଶାର ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ଓ ପଶ୍ଚିମ ଓଡିଶାରେ କୋସଲ ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ ଦାବି ହୋଇଥିଲା। ଆନ୍ଦୋଳନରେ କିଛି ଶତାୟୁ ବ୍ୟକ୍ତି ମଧ ସାମିଲ ହୋଇଥିଲେ। ଏହି ଗଣଧାରଣାରେ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀର ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ, ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାନ୍ତି, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡାକ୍ତର ରାଜେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ନାରାୟଣ ପ୍ରସାଦ ରାୟଗୁରୁ, ଏକାଡେମୀର ଯୁଗ୍ମ ସମ୍ପାଦକ ବ୍ରଜମୋହନ ଦାନୀ, ବଳଦେବ ପ୍ରସାଦ ବେଦ୍‌ବାକ୍, ନିରଞ୍ଜନ ତ୍ରିପାଠୀ, ପ୍ରଦୀପ ପୁରୋହିତ, ପରମେଶ୍ୱର ମେହେର, ନିତ୍ୟାନନ୍ଦ ମାଝୀ, ଲକ୍ଷ୍ମୀନାରାୟଣ ସାହୁ, ସୁରେଶ ପାତ୍ର, ସତ୍ୟନାରାୟଣ ସେଠୀ, ମନୋରଞ୍ଜନ ପାଣିଗ୍ରାହୀ, ମୀନା ମହାରଣା, କଳ୍ପନା ମେହେର, ମଞ୍ଜୁଳା ଝାଙ୍କର, ପୂର୍ଣ୍ଣିମା ସା ଓ ସୁଧୀର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

## କିନ୍ନରମାନଙ୍କ ବହୁଚରା ମାତାଙ୍କ ପୂଜା

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ରୋଡଠାରେ ସେବାକାରୀ କିନ୍ନରମାନଙ୍କ ଅଧିଷ୍ଠାତ୍ରୀ ଦେବୀ ବହୁଚରା ମାତାଙ୍କ ପୂଜା ପାଳିତ ହୋଇଯାଇଛି। ଜିଲା ସେବାକାରୀ କିନ୍ନର ସଂଘର ସଭାପତି କାମିନି କିନ୍ନରଙ୍କ ନେତୃତ୍ୱରେ ତିନିଦିନ ଧରି ଚାଲିଥିଲା। ମା ବହୁଚାର ମାତାଙ୍କ ପୂଜା ପାଇଁ ବିଭିନ୍ନ ସହରଠାରୁ କିନ୍ନରମାନେ ଉପସ୍ଥିତ ରହିଥିଲେ। ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡ଼ିଶା ଯାଦବ ସମାଜ ସଭାପତି ବଳରାମ ସିଂ ଯାଦବ, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ଲକ ଅଧକ୍ଷା ମନୋରମା ମହାନ୍ତି ଯୋଗଦେଇଥିଲେ। ଏହି ପର୍ବରେ କିନ୍ନରମାନେ ନାଚଗୀତ ସହିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଡିଏସପି ରେଣୁକା ସୁନା, ସର୍ଗିଗୁଡ଼ା ସରପଞ୍ଚ ଦୀପାଞ୍ଜଳି ବୁଢ଼ିଆ ଏବଂ ଦୀପକ ସାହୁ, ମୋହନ ଭଟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ବିଜ୍ଞାନ ସମାବେଶରେ ବୀରମହାରାଜପୁର ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

ଅମରପାଲି,୧୪(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝରିଆପାଲି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଗୌରୀଶଙ୍କର ପୂଜାହାରୀଙ୍କ ନେତୃତ୍ୱରେ ଛାତ୍ରୀ କାଜଲ ବାଙ୍କ ଗୁରୁବାର ଭୁବନେଶ୍ୱରଠାରେ ଓଡ଼ିଶା ବିଜ୍ଞାନ ଏକାଡେମୀର ବାର୍ଷିକୋତ୍ସବ ପାଳନ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ବିଜ୍ଞାନ ସମାବେଶରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଜ୍ଞାନ ସମ୍ବନ୍ଧିତ କୁଇଜ୍, ପ୍ରବନ୍ଧ ଓ ତର୍କ ଆଦି ପ୍ରତିଯୋଗିତା ହୋଇଥିଲା। ସେହିପରି ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରଠାରେ ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା ହୋଇଥିଲା। ପ୍ରତ୍ୟେକ ଜିଲାରୁ ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ସୁବର୍ଣ୍ଣପୁର ଜିଲାରୁ ବରିଷ୍ଠ ବିଭାଗରେ ଉଫୁଲା ମାହେଶ୍ୱରୀ ବିଦ୍ୟାପୀଠର ଛାତ୍ର ଅବିନାଶ ପୂଜାହାରି ଓ କନିଷ୍ଠ ବିଭାଗରେ ଭାଲଡୁଙ୍ଗୁରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ କୁନ୍ତୀ ସାହୁ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ଏମାନେ ସୁବର୍ଣ୍ଣପୁର ଜିଲାରୁ ଜିଲା ଶିକ୍ଷା ଅଧିକାରୀ ଓ ବିଜ୍ଞାନ ନିରୀକ୍ଷକଙ୍କ ଦ୍ୱାରା ମନୋନୀତ ହୋଇଥିଲେ। ଗାଇଡ୍ ଶିକ୍ଷକ ଭାବେ ମାଧବ ମହାକୁର ସୁବର୍ଣ୍ଣପୁର ଜିଲାରୁ ପ୍ରତିନିଧି କରିଥିଲେ।

### ଅତିରିକ୍ତ ଜିଲାପାଳଙ୍କୁ ଭେଟିଲେ ନରେଶ

#### ୪ ବର୍ଷ ହେଲା ଆବାସ ଯୋଜନାରେ ତୃତୀୟ କିସ୍ତି ଟଙ୍କା ମିଳିନି

ବିନିକା,୧୪(ଡି.ଏନ୍.ଏ.): ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ଜଣେ ହିତାଧିକାରୀ ଦୀର୍ଘ ୪ ବର୍ଷ ହେଲା ତୃତୀୟ କିସ୍ତି ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ହିତାଧିକାରୀ ଜଣକ ହେଲେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ଗାଁର ନରେଶ ମହାନନ୍ଦ (୪୦)। ସେ ଏ ନେଇ ବୁଧବାର ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶଙ୍କୁ ଭେଟି ଆବଶ୍ୟକ କାଗଜପତ୍ର ଦେଖାଇ ନିଜର ସମସ୍ୟା ଜଣାଇଛନ୍ତି। ଉପ ଜିଲାପାଳ ଦାଶ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଡିଆରଡିଏ ଏପିଡି ଆଲୋକ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନରେଶ ଏପିଡିଙ୍କୁ କାର୍ଯ୍ୟାଦେଶ ପ୍ରମାଣ ପତ୍ର ଓ ଦୁଇ କିସ୍ତି ଟଙ୍କା ଜମା ହୋଇଥିବା ତାଙ୍କ ବ୍ୟାଙ୍କ ଖାତାକୁ ଦେଖାଇବା ପରେ ଅସଲ କଥା ଜଣାପଡିଥିଲା। ଘଟଣା ହେଲା ନରେଶଙ୍କ ପ୍ରଥମ ଆବାସ କିସ୍ତି ବାବଦ ଟଙ୍କା ଅନ୍ୟ ଜଣେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହୋଇ ଯାଇଥିଲା। ଏ ସମ୍ପର୍କରେ ଜଣାପଡିବା ପରେ ନରେଶ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରେ ଖାତାକୁ ପୁଣି ଟଙ୍କା ଆସିଥିଲା। କିନ୍ତୁ ଆରମ୍ଭରୁ ହୋଇଥିବା ତ୍ରୁଟି ଯୋଗୁ ପରବର୍ତ୍ତୀ ସମୟରେ ଆବାସ ଯୋଜନା ତାଲିକାରୁ ତାଙ୍କ ନାଁ କଟି ଯାଇଥିଲା। ଫଳରେ ତୃତୀୟ କିସ୍ତି ନରେଶଙ୍କ ବ୍ୟାଙ୍କ ଖାତାରେ ଆଉ ଜମା ହେଲାନି। ଏବେ ଏହି ତ୍ରୁଟି ସଂଶୋଧନ ବ୍ଲକ କିମ୍ବା ଜିଲା ମୁଖ୍ୟାଳୟଠାରେ ହେବ ନାହିଁ। ଦିଲ୍ଲୀ ମୁଖ୍ୟାଳୟରେ ଏହା ହେବ ବୋଲି ଏପିଡି ଆଲୋକ ମିଶ୍ର ଦର୍ଶାଇଛନ୍ତି। ବିନିକା ବ୍ଲକ କର୍ମଚାରୀଙ୍କ ଚରମ ଅବହେଳା ଯୋଗୁ ହିତାଧିକାରୀ ଜଣକ ନିଜ ପରିବାର ସହ ଦୟନୀୟ ଭାବେ ଦିନ କାଟୁଛନ୍ତି। ସେ ଛାତ ସ୍ତର ଯାଏ ଘର କରି ଏହାକୁ ଅର୍ଥାଭାବରୁ ସମ୍ପୂର୍ଣ୍ଣ କରି ପାରୁ ନ ଥିବା କହିଛନ୍ତି।

### ଡ୍ରିଲ ସବ୍‌ଇନ୍ସପେକ୍ଟର ମୋହନ ପୂଜାରୀଙ୍କ ପରଲୋକ

ବଲାଙ୍ଗୀର ଅଫିସ,୧୪: ଅବସରପ୍ରାପ୍ତ ପୋଲିସ ଡ୍ରିଲ ସବ୍‌ଇନ୍ସପେକ୍ଟର ମୋହନ ପୂଜାରୀ (୮୩)ଙ୍କ ଶୁକ୍ରବାର ହୃଦଘାତରେ



ପରଲୋକ ଘଟିଛି। ସକାଳେ ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ। ଦୀର୍ଘ ୪୦ବର୍ଷ ଧରି ପୋଲିସ ବିଭାଗରେ କାମ କରିବା ପରେ ୧୯୯୬ ମସିହାରେ ସେ ପୋଲିସ ଡ୍ରିଲ ସବ୍‌ଇନ୍ସପେକ୍ଟର ଭାବେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ବିଭୂତିପଡା ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ପୁତ୍ର ତଥା ଜିଲା ସାମ୍ବାଦିକ ସଂଘ ସଭାପତି ହରିନାରାୟଣ ପୂଜାରୀ ମୁଖାଗ୍ନି ଦେଇଥିଲେ।









ଓଡ଼ିଶା ଦିବସ ଅବସରରେ ବରଗଡ଼ରେ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି(ବାମ)। ନୂଆପଡ଼ାରେ ଉପସ୍ଥିତ ଅତିଥିବୃନ୍ଦ(ମଝି)। ବୌଦ୍ଧରେ ନବୋଦୟ ସ୍କୁଲର ଛାତ୍ରୀଛାତ୍ର ବନ୍ଦେ ଉତ୍କଳ ଜନନୀ ଗାନ କରୁଛନ୍ତି।

# ଓଡ଼ିଶା ଦିବସରେ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ସୋନପୁର,୧୪(ନି.ପ୍ର.)

ଜିଲାସ୍ତରୀୟ ଓଡିଶା ଦିବସ ଓ ୨୯ ତମ ସୁବର୍ଣ୍ଣପୁର ଜିଲା ପ୍ରତିଷ୍ଠା ଦିବସ ପାଳନ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ସକାଳେ ଗାନ୍ଧୀ ପଡିଆସ୍ଥିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପ୍ରଶାସନିକ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ସାମୂହିକ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସନ୍ଧ୍ୟାରେ ନୂତନ ଟାଉନ ହଲରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ଅଧକ୍ଷା ସୁପାର ଠେଲୋ ମୁଖ୍ୟଅତିଥି, ଜିଲାପାଳ ଅବୋଲି ସୁନିଲ ନରୱଣେ ସମ୍ମାନିତ ଅତିଥି ଓ ଆରକ୍ଷୀ ଅଧୀକ୍ଷକ ଅମରେଶ କୁମାର ପଣ୍ଡା ଯୋଗ ଦେଇଥିଲେ। ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ସ୍ୱାଗତ ଭାଷଣ ଓ ବିଦ୍ୟାପତି ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। **ବରଗଡ଼ ଅଫିସ୍:** ବରଗଡ଼ରେ ଶୁକ୍ରବାର ଓଡ଼ିଶା ଦିବସ ଏବଂ ଜିଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳୁ ଜିଲାପାଳ ମୋନିଷା ବାନାର୍ଜୀ ଏବଂ ଅନ୍ୟ ଜିଲାସ୍ତରୀୟ ପଦାଧିକାରୀ ଏବଂ ବୁଦ୍ଧିଜୀବୀମାନେ ସ୍ଥାନୀୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସନ୍ଧ୍ୟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ହଲରେ ଓଡ଼ିଶା ଦିବସ ଏବଂ ଜିଲା ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡଃ ଶୁକମନୀ ମେହେର ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। **ବଲାଙ୍ଗୀର ଅଫିସ:** ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ପ୍ରାଙ୍ଗଣରେ ଜିଲାସ୍ତରୀୟ ଓଡିଶା ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନ ଏବଂ ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସମାରୋହରେ ଜିଲାପାଳ ଚଞ୍ଚଳ ରାଣା ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ ମୁଖ୍ୟଅତିଥି, ଜିଲା ପରିଷଦ ଉପାଧକ୍ଷା ମିଥିଳା ମାଝି, ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ସମ୍ମାନିତ ଅତିଥି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ବଳଭଦ୍ର ଦାଶ ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ହୋଇଥିଲେ। ଓଡିଶାର ଗୌରବମୟ ଇତିହାସ, ସାଂସ୍କୃତିକ ବିଭବ ଏବଂ ସାମାଜିକ ପରମ୍ପରା ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ସାରା ବିଶ୍ୱରେ ପରିଚିତ କରିଛି। ପାରସ୍ପରିକ ସମନ୍ୱୟ ହିଁ ଓଡିଶା ପ୍ରଗତିର ମନ୍ତ୍ର ବୋଲି ଅତିଥିମାନେ କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। **ବୌଦ୍ଧ,(ସ୍ୱ.ପ୍ର.):** ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ୮୭ତମ ଜିଲାସ୍ତରୀୟ ଓଡ଼ିଶା ଦିବସ ଶୁକ୍ରବାର ସନ୍ଧ୍ୟାରେ ଜିଲା ସଂଗ୍ରହାଳୟ ପରିସରରେ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ହୋଇଯାଇଛି। ସମାରୋହରେ ଜିଲା ପରିଷଦ ଅଧକ୍ଷା ପ୍ରଭାସିନୀ ମୁଖ୍ୟଅତିଥି, କନ୍ଧମାଳ ବିଧାୟକ ମହୀଧର ରଣା ବିଶିଷ୍ଟ ଅତିଥି, ଜିଲା ପରିଷଦ ଉପାଧକ୍ଷ ଶଙ୍କର୍ଷଣ ପ୍ରଧାନ, ବୌଦ୍ଧଗଡ଼ ଏନ୍ଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଏସ୍‌ପି ଜ୍ଞାନରଞ୍ଜନ ମହାନ୍ତି, ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମେହେର ଓ ବୌଦ୍ଧ ତହସିଲଦାର ଅବିନାଶ ପାଣ୍ଡିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବର୍ଗରୁ ୨୪ ଜଣ ପ୍ରତିଭାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା କଳା ସଂସ୍କୃତି ସଂଘର ଉପସଭାପତି ଦିବ୍ୟଶଙ୍କର ରାଉତ ମଞ୍ଚ ପରିଚାଳନା କରିଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତ ବଳିୟାରସିଂହଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। **ନୂଆପଡ଼ା ଅଫିସ:** ଓଡ଼ିଶା ଦିବସ ଓ ନୂଆପଡା ଜିଲା ଗଠନର ୩୦ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଭାତ ଫେରି କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ଜ୍ଞାପନ ସମୟରେ ନବନିର୍ବାଚିତ ଅଧକ୍ଷା ଡଲି ମାଝି, ଉପାଧକ୍ଷ ଦୀପିକା କୌଶଲ୍ୟା, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ,ଉପ ଜିଲାପାଳ ତରଣିସେନ ନାଏକ, ଅଧାପକ ଶିବ ପ୍ରସାଦ ବେହେରା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ପଟ୍ଟନାୟକ, ବିରିଷ୍ଠ ସହାୟକ ବିଭୁଦତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। **ଖପ୍ରାଖୋଲ,(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଧଣ୍ଡମୁଣ୍ଡା ସରସ୍ୱତୀ ଶିଶୁମନ୍ଦିରଠାରେ ଓଡିଶା ଦିବସ ପାଳିତ ହୋଇଯାଇଛି। ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ସନ୍ୟାସୀ କଡୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଅଭୟ ତ୍ରିପାଠୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଶିଶୁମନ୍ଦିର ସମ୍ପାଦକ ଐଶ୍ୱର୍ଯ୍ୟ ଭୋଇ, ଉପସଭାପତି ଦେବାନନ୍ଦ ବାରିକ, ସହ ସମ୍ପାଦକ ଗନ୍ଧର୍ବ ପଧାନ, କୋଷାଧକ୍ଷ କ୍ଷୀରୋଦ ପଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଲଢେଇ କରିଥିବା ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। **ଭବାନୀପାଟଣା/କର୍ଲାମୁଣ୍ଡା/ବେହେରା, (ସ୍ୱ.ପ୍ର./ଡି.ଏନ.ଏ.):** କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ ସଭାଗୃହଠାରେ ଶୁକ୍ରବାର ସନ୍ଧ୍ୟାରେ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ଭାବେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ କୁଳପତି ସଞ୍ଜୟ କୁମାର ଶତପଥି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଭବାନୀପାଟଣା ପୌରଧକ୍ଷା ସଂଯୁକ୍ତା ବେହେରା ପ୍ରମୁଖ ଯୋଗଦେଇ ଓଡିଶା ପାଳନ ଦିବସ ଉପରେ ଅଭିଭାଷଣ ରଖିଥିଲେ। ଜିଲା ଲୋକ ସୂଚନା ଅଧିକାରୀ ମନୋଜ କୁମାର ବେହେରା ଓ ଅଧ୍ୟାପକ ଶୁଭେନ୍ଦୁ ମହାପାତ୍ର ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ସହରର ବିଭିନ୍ନ ସ୍ଥାନରେ ଥିବା ଓଡିଶାର ବରପୁତ୍ର ତଥା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ଅତିଥି, ଛାତ୍ରୀଛାତ୍ରଙ୍କ ଦ୍ୱାରା ପୁଷ୍ପମାଲ୍ୟର୍ପଣ କରାଯାଇଥିଲା। କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଓଡ଼ିଶା ଦିବସ ପାଳନ ସହ ପ୍ରବେଶ ଦିବସ ଓ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ତହସିଲଦାର ବାସନ୍ତୀ ସେଠୀ, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସହଦେବ ସୁନା, ମୁଖ୍ୟବକ୍ତା କର୍ଲାମୁଣ୍ଡା ଯୁକ୍ତ ଦୁଇ ମହାବିଦ୍ୟାଳୟ ଇତିହାସ ଅଧାପକ ଗୌର ସୁନା ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସ ପାଳନର ଉଦ୍ଦେଶ୍ୟ, ଏହାର ଇତିହାସ ଓ ସଂସ୍କୃତି ପରମ୍ପରା ଉପରେ ଆଲୋକପାତ କରିଥିଲେ। ସେହିପରି ଧର୍ମଗଡ ବ୍ଲକ ବେହେରା ଦନ୍ତେଶ୍ୱରୀ ସ୍ମାର୍ଟ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ କୁମୁଦିନୀ ଗଇନ୍ତା ଓ ସମ୍ମାନିତ ଅତିଥି ସମିତିସଭ୍ୟ କିଶୋର ଚନ୍ଦ୍ର ନାଗ, ପୂର୍ବତନ ଶିକ୍ଷକ କାମେଶ୍ୱର ସିଂହ, ତୁଳସୀରାମ ବାରିକ, ଲଖିରାମ ଅଗ୍ରୱାଲ କଲେଜ ଅଧକ୍ଷ ନିର୍ମଳ ଚନ୍ଦ୍ର ନାୟକ, ଅଧ୍ୟାପକ ତପନ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣୁଆ ଓଡ଼ିଶା ଦିବସର ଉପରେ ବୁଝାଇଥିଲେ। ବରିଷ୍ଠ ବିଜ୍ଞାନ ଶିକ୍ଷକ ରିଷିରାମ ବେହେରା ମଞ୍ଚ ପରିଚାଳନା କରିଥିଲେ। ହିନ୍ଦି ଶିକ୍ଷକ ଚକ୍ରଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।





ବଲାଙ୍ଗୀର ଜିଲାସ୍ତରୀୟ ଓଡିଶା ଦିବସରେ ମଞ୍ଚାସୀନ ଅତିଥି।

## ସିଆର୍‌ପିଏଫ୍‌ର ଜନସମ୍ପର୍କ ଶିବିର



ସିଆର୍‌ପିଏଫ୍ ପକ୍ଷରୁ ଆୟୋଜିତ ଜନସମ୍ପର୍କ ଶିବିର।

ଭବାନୀପାଟଣା,୧୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଏମ୍. ରାମପୁର ଥାନା ଅଧୀନ ମାଓବାଦୀପ୍ରବଣ ଅଞ୍ଚଳ ବୋଣ୍ଡେନସରା ଓ ଦେଉଳାସୁଲିଆଠାରେ ସିଆର୍‌ପିଏଫ୍-୬୪ ବାଟାଲିୟନ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆର୍‌ପିଏଫ୍ ସହକାରୀ କମାଣ୍ଡେଣ୍ଟ ଏସଏଚ୍ ବଳରାମ ଯୋଗଦେଇ ଉଦଘାଟନ୍ କରିଥିଲେ। ଏଥିରେ ସ୍ଥାନୀୟ ୧୬ ଲୋକଙ୍କୁ ସୋଲାର ଲଣ୍ଠନ୍ ବଣ୍ଟନ କରାଯାଇଥିଲା। ସିଆର୍‌ପିଏଫ୍-୬୪ ବାଟାଲିୟନ କ୍ଷେତ୍ର ଅଧିକାରୀ ବିପ୍ଲବ ସରକାର ଯୋଗଦେଇ ଲୋକଙ୍କୁ ସୋଲାର ଲାଇଟ୍ ବଣ୍ଟନ କରିଥିଲେ। ସିଆର୍‌ପିଏଫ୍ ଲୋକଙ୍କୁ ସୁରକ୍ଷା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଖେଳ ଓ ଅନ୍ୟାନ କ୍ଷେତ୍ରରେ ସହଯୋଗର ହାତ ବଢାଇ ଆସୁଛି ବୋଲି କ୍ଷେତ୍ର ଅଧିକାରୀ ବିପ୍ଲବ ସରକାର କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକେ ମଧ ବେଶ ଉତ୍ସାହର ସହ ଯୋଗଦାନ କରିବା ସହ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

## କବି ଗଙ୍ଗାଧରଙ୍କ ଶ୍ରାଦ୍ଧ ଦିବସ ପାଳନ



କବିଙ୍କ ଶ୍ରାଦ୍ଧ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରପାଲି,୧୪(ଡି.ଏନ.ଏ)

ବରଗଡ଼ ଜିଲା ବରପାଲିରେ ଶୁକ୍ରବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କବିଙ୍କ ଜନ୍ମପୀଠରେ ଅନୁଷ୍ଠିତ ସାହିତ୍ୟ ସଭାରେ ସ୍ଥାନୀୟ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି, କେଉଁଝର ଶ୍ରୀ ରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡଃ ବଭ୍ରୁବାହନ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କବିଙ୍କ କାବ୍ୟ, କବିତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଗଙ୍ଗାଧର ମେହେର କ୍ଲବର ସଭାପତି ଡଃ ଘନଶ୍ୟାମ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପକ ବିନୋଦାନନ୍ଦ ସାହୁ ସ୍ୱାଗତ ଭାଷଣ ସହିତ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଆନନ୍ଦ ମେହେର ସହଯୋଗ କରିଥିବାବେଳେ ବାଳକିଶୋର ଖାଡ଼ାଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ଗଙ୍ଗାଧର ମେହେର କ୍ଲବ ପକ୍ଷରୁ କ୍ଲବ ପରିସରରେ ରହିଥିବା କବିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀମାନେ ଯୋଗଦାନ କରିଥିଲେ।

## କୋଶଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବିରେ ଧାରଣା

ବଲାଙ୍ଗୀର ଅଫିସ, ୧୪

କୋଶଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବିରେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର କୋଶଲ ସାହିତ୍ୟ ସାଂସ୍କୃତିକଏକାଡେମୀ ଏବଂ କୋଶଲି ଭାଷା ସଂସ୍କୃତି ପରିଷଦ ପକ୍ଷରୁ ଧାରଣା ଦିଆଯାଇଥିଲା। କବି ସୁଶାନ୍ତ ବାଗଙ୍କ ଆବାହକତ୍ୱରେ ଅନୁଷ୍ଠିତ ଧାରଣା କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ, କୋଶଲି ସଙ୍ଗଠକ ରାମଭକ୍ତ ଫକିରାର, ନାଗରିକ କମିଟି ସମ୍ପାଦକ ମନୋରଞ୍ଜନ ସାହୁ, ନାମଯଜ୍ଞ ମିଶ୍ର, ଗୋବର୍ଦ୍ଧନ ପାଣ୍ଡିଆ, ଗଣେଶ ବାରିକ ପ୍ରମୁଖ ଧାରଣାରେ ବସିଥିଲେ। କୋଶଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ, କୋଶଲି ଭାଷାରେ ପ୍ରାଥମିକ ଶିକ୍ଷା ପ୍ରଦାନ କରାଯିବା, ଓଡିଶାର ଦ୍ୱିତୀୟ ସରକାରୀ ଭାଷା କରାଯିବା ଓ ପଶ୍ଚିମ ଓଡିଶାରେ କୋଶଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ଆଦି ଦାବି ନେଇ ଦାବିପତ୍ରକୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଦାବିପତ୍ରକୁ ସହକାରୀ ଜିଲାପାଳ ଦିଲୀପ ମାଝି ଗ୍ରହଣ କରିଥିଲେ। ଏହାପରେ କୋଶଲ ସେନା ପକ୍ଷରୁ ଏକ ରାଲିରେ ସହର ପରିକ୍ରମା କରାଯାଇ ଓଡିଶା ଦିବସ ପାଳନକୁ ବର୍ଜନ କରାଯିବା ନାରା ଦିଆଯାଇଥିଲା। କୋଶଲ ସେନାର ସମର୍ଥକମାନେ ଦୀର୍ଘ ସମୟ ଧରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କୋଶଲ ରାଜ୍ୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରତିବାଦ ଦିବସ ବା କଳା ଦିବସ ପାଳନ କରାଯାଇଥିଲା। ସମାଜସେବୀ ବିକ୍ରମାନନ୍ଦ ବହିଦାର କଳା ପତାକା ଉନ୍ମୋଚନ କରିଥିଲେ। କୋଶଲବାଦୀ ନେତା ପ୍ରମୋଦ ମିଶ୍ର, ଗୋପାଲଜୀ ପାଣିଗ୍ରାହୀ, ରବି ମିଶ୍ର, ବିଭୁଦତ୍ତ ମିଶ୍ର, ଶରତ ହୋତା, ଡୋଳାମଣି ପ୍ରଧାନ, ବିନୋଦ କାଲସାଏ, ସ୍ୱାଧୀନ ମିଶ୍ର, ଗିଲୁ ରଥ ପ୍ରମୁଖ ଉପସ୍ଥିତ ରହି ଜୟ କୋଶଳ ନାରା ଦେଇଥିଲେ। ବିକ୍ଷୋଭକାରୀମାନେ କଳା ବ୍ୟାଜ୍ ପରିଧାନ କରିଥିଲେ।

## ଦକ୍ଷ ପୋଲିସ ପୁରସ୍କୃତ

ସୋନପୁର,୧୪(ନି.ପ୍ର.)

ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆଠାରେ ୮୭ ତମ ପୋଲିସ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ୧୯୩୬ ମସିହାରେ ଉତ୍କଳ ପ୍ରଦେଶ ଗଠନ ହେବା ସହିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୋଲିସ ବାହିନୀ ପ୍ରତିଷ୍ଠା କରାଯାଇଥିଲା ବୋଲି କହିଥିଲେ। ପ୍ରତିଷ୍ଠା ଦିନ ଠାରୁ ପୋଲିସ ଜନସାଧାରଣଙ୍କୁ ନିରନ୍ତର ଭାବରେ ସେବା ଯୋଗାଇ ଦେଇ ଆସୁଛି। କରୋନା ମହାମାରୀ ସମୟରେ ନିଜ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ପୋଲିସ ଉଲ୍ଲେଖନୀୟ କାର୍ଯ୍ୟ କରିଛି। ସେହିଭଳି ଦେଶର ସୁରକ୍ଷା ପାଇଁ ଉଗ୍ରବାଦୀ, ନକ୍ସଲଙ୍କ ସହିତ ଲଢେଇ ଜାରି ରଖିଛନ୍ତି। ପୋଲିସ ଜନସାଧାରଣଙ୍କ ବନ୍ଧୁ ବୋଲି ବିଚାରକୁ ନିଆଯାଇ ଆମ ପୋଲିସ ମାଧ୍ୟମରେ ଜନସମ୍ପର୍କ ଶିବିର ଆୟୋଜନ କରାଯାଉଛି ବୋଲି ଏସ୍‌ପି କହିଥିଲେ। ଏହି ଅବସରରେ ୨୦୨୧ ମସିହାରେ ଜିଲାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଦୀପ କୁମାର ପ୍ରଧାନଙ୍କୁ ଶ୍ରେଷ୍ଠ ଆରକ୍ଷୀ ଉପ ନିରୀକ୍ଷକ, ଅରକ୍ଷିତ ମାଝୀଙ୍କୁ ଶ୍ରେଷ୍ଠ ଆରକ୍ଷୀ ସହକାରୀ ଉପ ନିରୀକ୍ଷକ, ପ୍ରକାଶ ଚନ୍ଦ୍ର ବଡେଇଙ୍କୁ ଶ୍ରେଷ୍ଠ ଏପିଆର୍ ହାବିଲଦାର, ଦଣ୍ଡବତୀ କୁଅଁରଙ୍କୁ ଶ୍ରେଷ୍ଠ ୱାର କନେଷ୍ଟବଳ, ସୁନିତା ପାତ୍ରଙ୍କୁ ଶ୍ରେଷ୍ଠ ଟ୍ରାଫିକ୍ କନେଷ୍ଟବଳ, ସତ୍ୟନାରାୟଣ ବେହେରାଙ୍କୁ ଶ୍ରେଷ୍ଠ ଏ ପି ଆର କନେଷ୍ଟବଳ ଭାବେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ଅବୋଲି ସୁନିଲ ନରୱଣେ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ପିଡି ଡିଆରଡିଏ ଡୋଳାମଣି ପଟେଲ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ଅତିରିକ୍ତ ଏସ୍‌ପି ହେମକାନ୍ତ ପାଢୀ, ଜଗଜ୍ଜୀବନ ପଟେଲ, ଡିଏସପି କୁମାରୀ ଦିଶା, ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ, ରିଜର୍ଭ ଇନ୍ସପେକ୍ଟର ପ୍ରଦ୍ୟୁମ୍ନ ପଟେଲ, ଅମରେନ୍ଦ୍ର ପାଣିଗ୍ରାହୀ, ସର୍ଜେଣ୍ଟ ବିଶ୍ୱନାଥ ଜେନା, ସୋନପୁର ଆଇଆଇସି ନିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। **ବୌଦ୍ଧ,(ସ୍ୱ.ପ୍ର.):** ବୌଦ୍ଧ ବଲାଙ୍ଗିଶା ୫ମ ଆଇଆରବି ବାଟାଲିୟନର ପରେଡ ଗ୍ରାଉଣ୍ଡଠାରେ ୮୭ତମ ପୋଲିସ ପ୍ରତିଷ୍ଠା ଦିବସ ଶୁକ୍ରବାର ମହାସମାରୋହରେ ପାଳିତ ହୋଇଯାଇଛି। ଆୟୋଜିତ ସମାରୋହରେ ଅତିଥି ଭାବରେ ଜିଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାନ୍ତି ଯୋଗଦେଇ ପୋଲିସ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ପୋଲିସ ସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୋଲିସ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ରିଜର୍ଭ ଇନ୍‌ସପେକ୍ଟର ମଧୁସୂଦନ ମହାପାତ୍ର ପରେଡ ପରିଚାଳନା କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବିନ୍ଦ୍ର କୁମାର ରାଉତ,ଏସଡିପିଓ ଆନନ୍ଦବର୍ଦ୍ଧନ ଗୁରୁ, ଡିଏସପି ସାଲେଷ୍ଟିନ ଟିଗା, ଧିରେନ୍ଦ୍ରନାଥ ସ୍ୱାଇଁ, ଦେବାଶିଷ ଧଳ, ୫ମ ଆଇଆରବିର ଡେପୁଟି କମାଣ୍ଡାଣ୍ଟ ଲକ୍ଷ୍ମୀଧର ମହାରଣା, ଗୋପବନ୍ଧୁ ତ୍ରିପାଠି, ବୌଦ୍ଧ ଥାନା ଅଧିକାରୀ ମାଧବାନନ୍ଦ ନାୟକ ପ୍ରମୁଖ ଯୋଗଦେଇଥିଲେ। **ଭବାନୀପାଟଣା,(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ରିଜର୍ଭ ପୋଲିସ ପଡିଆଠାରେ ଶୁକ୍ରବାର ୮୭ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ପି ଶ୍ରବଣା ବିବେକ ଏମ୍ ଯୋଗଦେଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲାର ୧୦ଜଣ ପୋଲିସ କର୍ମଚାରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



ଏସ୍‌ପି ଅମରେଶ କୁମାର ପଣ୍ଡା ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

### ପୋଲିସ ପ୍ରତିଷ୍ଠା ଦିବସ



ଭବାନୀପାଟଣାରେ ଏସ୍‌ପିଙ୍କ ସହ ସମ୍ବର୍ଦ୍ଧିତ ପୋଲିସ କର୍ମଚାରୀ।